

Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:179✦26 October 2026 (Monday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୭୯ ✦୨୬ ଅକ୍ଟୋବର ୨୦୨୬ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ବାତ୍ୟା ମୁକାବିଲା ପାଇଁ ଆକ୍ସନ୍ ମୋଡ୍‌ରେ ଓଡ଼ିଶା ସରକାର




## ୫ ଜିଲ୍ଲାକୁ ଯିବେ ମନ୍ତ୍ରୀ ଓ ବରିଷ୍ଠ ଆଇଏଏସ୍ ଅଧିକାରୀ

ଭୁବନେଶ୍ୱର,୨୫/୧୦(ନି/ପ୍ର):ଆସନ୍ତା ୨୮ ତାରିଖରେ ସ୍ଥଳଭାଗ ଛୁଇଁବ ସମ୍ଭାବ୍ୟ ଅତି ଭୀଷଣ ବାତ୍ୟା । ଆନ୍ଧ୍ରର ବପାଟଲା ଓ ବିଶାଖାପଟନମ୍ ମଧ୍ୟରେ ସ୍ଥଳଭାଗ ଛୁଇଁବା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ (ଓଗଡ଼) । ସ୍ଥଳଭାଗ ଛୁଇଁଲା ବେଳେ ଏହା ଅତି ଭୀଷଣ ବାତ୍ୟା ରୂପରେ ଅତିକ୍ରମ କରିବ । ସେ ସମୟରେ ପବନର ବେଗ ୧୧୫ରୁ ୧୨୫ କି.ମି. ଓ ଝଟକା ପବନ ୧୪୦ କି.ମି. ପ୍ରତିଘଣ୍ଟା ବହିବା ନେଇ ଆକଳନ କରାଯାଇଛି । ତେବେ ସମ୍ଭାବ୍ୟ ବାତ୍ୟା ପାଇଁ ସରକାର ସମ୍ପୂର୍ଣ୍ଣ ସଜାଗ ଅଛନ୍ତି । ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ୫ ଜିଲ୍ଲାକୁ ମନ୍ତ୍ରୀ ଓ ଅଧିକାରୀ ଯିବେ ବୋଲି ମନ୍ତ୍ରୀ କହିଛନ୍ତି । ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁସାରେ ଏହା ଆଜି ଗଭୀର ଅବପାତରେ ପରିଣତ ହେବ । ୨୬ରେ ସାମୁଦ୍ରିକ ଝଡ଼ ଓ ୨୭ରେ ଅଧିକ ଶକ୍ତିଶାଳୀ ଓ ୨୮ରେ ଆନ୍ଧ୍ରପ୍ରଦେଶ ଉପକୂଳ ପହଞ୍ଚିବ । ଓଡ଼ିଶାରେ ପ୍ରଭାବ ପଡ଼ିବାକୁ ଥିବା ଜିଲ୍ଲା ଗୁଡ଼ିକ ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି । ଆଜି ୫ ଜିଲ୍ଲାକୁ ପୂର୍ବରୁ କାମ କରିଥିବା ଓ ଅଭିଜ୍ଞତା ଥିବା ଅଧିକାରୀ ଜିଲ୍ଲାକୁ ଯିବେ । ସେମାନେ ଜିଲ୍ଲାପାଳଙ୍କୁ ସହଯୋଗ କରିବେ । ସେମାନଙ୍କୁ ସମ୍ପୂର୍ଣ୍ଣ କ୍ଷମତା ସହ ପଠାଯିବ ଯେଉଁଭଳି ଭାବେ ସେମାନେ ଆବଶ୍ୟକ ସ୍ଥଳେ ନିଷ୍ପତ୍ତି ନେବେ । ଏହା ସହ ବରିଷ୍ଠ ମନ୍ତ୍ରୀମାନେ ମଧ୍ୟ ଜିଲ୍ଲାଗୁଡ଼ିକରେ ପହଞ୍ଚିବେ । ଗଞ୍ଜାମ , ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ ଓ କୋରାପୁଟ ଜିଲ୍ଲାକୁ ଲେବେଲ ୨ ରେ ରଖାଯାଇଛି । ସାରା ଓଡ଼ିଶାକୁ ନେଇ ଆମେ ପ୍ରସ୍ତୁତ ଅଛୁ । ବର୍ଷା ପାଣି ପାଇଁ ବିକଳ୍ପ ବ୍ୟବସ୍ଥା ମଧ୍ୟ କରାଯାଉଛି । ରାଜ୍ୟବାସୀ ବିଚଳିତ ହୁଅନ୍ତୁ ନାହିଁ । ସମସ୍ତ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।ରାଜ୍ୟରେ ଆସୁଥିବା ସମ୍ଭାବ୍ୟ ବାତ୍ୟାର ପ୍ରସ୍ତୁତି, ପରବର୍ତ୍ତୀ ରିଲିଫ୍ ପରିଚାଳନା, ପୁନରୁଦ୍ଧାର ସହ ସୁପରିଚାଳନା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ୫ ଜଣ ବରିଷ୍ଠ ଓଏଝ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲାରେ ଦାୟିତ୍ୱ ଦିଆଯାଇଛି । ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରାୟଗଡ଼ା ଜିଲ୍ଲା, ପୋମା ଟୁଡୁଙ୍କୁ କୋରାପୁଟ ଜିଲ୍ଲା, ବିଜୟ କୁମାର ଦାଶଙ୍କୁ ଗଜପତି ଜିଲ୍ଲା, ଯେଦୁଲା ବିଜୟ ମାଲକାନଗିରି ଜିଲ୍ଲା,ମହେଶ୍ୱର ସ୍ୱାଇଁଙ୍କୁ ନବରଙ୍ଗପୁର ଜିଲ୍ଲା ଦାୟିତ୍ୱ ଦିଆଯାଇଛି ।

# ‘ମନ କି ବାତ’ କାର୍ଯ୍ୟକ୍ରମ :

## ଭୋକାଲ୍ ଫର୍ ଲୋକାଲ୍ ଉପରେ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୫/୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ କି ବାତ ମାସିକ ରେଡିଓ କାର୍ଯ୍ୟକ୍ରମର ୧୩୯ତମ ଏପିସୋଡ୍‌ରେ କହିଛନ୍ତି, ୧୨ ବର୍ଷ ପୂର୍ବେ ବିଜୟାଦଶମୀର ପବିତ୍ର ଅବସରରେ, ଆମେ ମନ କି ବାତ ଆରମ୍ଭ କରିଥିଲୁ । ସେବେଠାରୁ, ଆମର ଯାତ୍ରା ବିନା ବାଧାରେ ଜାରି ରହିଛି । ଆପଣମାନେ ସମସ୍ତେ ଏହି ଯାତ୍ରାରେ ମୋର ସାଥୀ ଏବଂ ମାର୍ଗଦର୍ଶକ ହୋଇ ଆସିଛନ୍ତି । ମୋ ପାଇଁ ମନ କି ବାତ ଆମ ଦେଶର ସାଧାରଣ ଲୋକଙ୍କ କଠିନ ପରିଶ୍ରମ, ସାହସ, ଦୃଢ଼ ସଂକଳ୍ପ, ସମର୍ପଣ ଏବଂ ସେବା ମନୋଭାବକୁ ପାଳନ କରିବାର ଏକ ସୁନ୍ଦର ସୁଯୋଗ ହୋଇଛି । ଆମ ଦେଶରେ ଶତାବ୍ଦୀ ଧରି ତୀର୍ଥଯାତ୍ରାର ପରମ୍ପରା ରହିଆସିଛି । ମୋ ପାଇଁ, ମନ କି ବାତ ଏକ ତୀର୍ଥଯାତ୍ରାଠାରୁ କମ୍ ନୁହେଁ - ଏହା ଏକ ଯାତ୍ରା ଯାହା ମାଧ୍ୟମରେ ମୁଁ ମୋର ଦେଶବାସୀଙ୍କ ପ୍ରୟାସକୁ ନିକଟରୁ ବୁଝିପାରୁଛି ଏବଂ ସେମାନଙ୍କ ଅବଦାନ ପ୍ରତି ମୋର ସମ୍ମାନ ପ୍ରକାଶ କରିପାରୁଛି ।ପ୍ରଧାନମନ୍ତ୍ରୀ କପା ଚାଷ ସମ୍ପର୍କରେ ଲୋକଙ୍କୁ ବିଶେଷ ଗୁରୁତ୍ୱ ଦେଇ କହିଛନ୍ତି ଯେ ପଞ୍ଜାବରେ ‘ଖେତି ବିରାସତ ମିଶନ’ ନାମକ ଏକ ସଂଗଠନ ଜୈବିକ ଏବଂ ପାରମ୍ପରିକ କୃଷି ପଦ୍ଧତିକୁ ନୂତନ ଜୀବନ ଦେବା ଆରମ୍ଭ କରିଛି । ଏହି ଦଳର ଲୋକମାନେ ପଞ୍ଜାବର ମାଲୱା ଅଞ୍ଚଳରେ କପା ପ୍ରାକୃତିକ ଚାଷକୁ ପ୍ରୋତ୍ସାହିତ କରିବାକୁ ଚାହୁଁଥିଲେ । ଏହି ପଦକ୍ଷେପର ନାମ ‘ନବ-ତ୍ରିଞ୍ଜନ’ ରଖାଯାଇଛି । ଏହି ପଦକ୍ଷେପ ଅନ୍ତର୍ଗତ ରାସାୟନିକ ପଦାର୍ଥ ବ୍ୟବହାର ନକରି ଜୈବିକ କପା ଚାଷ କରାଯାଏ । ପ୍ରାକୃତିକ ରଙ୍ଗ ସହିତ କପା ମଧ୍ୟ ଏଠାରେ ଚାଷ କରାଯାଏ, ଯାହା ଫଳରେ ଏଥିରୁ ଉତ୍ପାଦିତ ସୂତା ଏବଂ କପଡ଼ାକୁ ରଙ୍ଗ କରିବା ପାଇଁ ଅତିରିକ୍ତ ରାସାୟନିକ ପଦାର୍ଥର ଆବଶ୍ୟକତା ଦୂର ହୋଇଥାଏ । ଏହା ଯୋଗୁଁ ବିଶାଳ ପରିବେଶଗତ ପ୍ରଭାବ ଅନୁଭୂତ ହେଉଛି ।

# ଭୟଙ୍କର ଭୂକମ୍ପ ଝଟକାରେ ଥରି ଉଠିଲା ଜାପାନ

## ସେପଟେ ତିବ୍ବତରେ ୫ ଘଣ୍ଟା ମଧ୍ୟରେ ୩ ଥର ଭୂମିକମ୍ପ



ନୂଆଦିଲ୍ଲୀ,୨୫।୧୦: ଜାପାନର ବୋନିନ୍ ଦ୍ୱୀପପୁଞ୍ଜ ନିକଟର ଶକ୍ତିଶାଳୀ ଭୂକମ୍ପ ଝଟକା ଅନୁଭୂତ । ରବିବାର ସକାଳେ ପ୍ରଶାନ୍ତ ମହାସାଗର ଅଚଂଳରେ ଦୁଇଟି ଭିନ୍ନ ଭୂକମ୍ପ ଅନୁଭୂତ ହୋଇଛି । ଜାପାନର ବୋନିନ୍ ଦ୍ୱୀପ ଅଚଂଳରେ ୬.୫ ତୀବ୍ରତାର ଭୂକମ୍ପ ଆସିଥିବା ବେଳେ ଭାନୁଆଟୁ ଦ୍ୱୀପପୁଞ୍ଜରେ ୬.୨ ତୀବ୍ରତାର ଝଟକା ରେକର୍ଡ କରାଯାଇଛି । ଏହି ଭୂକମ୍ପରେ କ୍ଷୟକ୍ଷତି କିମ୍ବା ଜୀବନହାନି ହୋଇଛି କି ନାହିଁ, ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ । ଏନେଇ ନେଇ ଆମେରିକାର ଭୂତତ୍ୱ ସର୍ବେକ୍ଷଣ ସଂସ୍ଥା (ଟଝଏଝ)ର ସୂଚନା ଦେଇଛି । ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର୍ ଜିଓସାଇନ୍ସେସ୍ (ଏରତ) ଅନୁଯାୟୀ, ରବିବାର ସକାଳେ ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ଭାନୁଆଟୁ ଦ୍ୱୀପପୁଞ୍ଜରେ ୬.୨ ତୀବ୍ରତାର ଭୂକମ୍ପ ରେକର୍ଡ କରାଯାଇଛି । ଏହି ଭୂକମ୍ପ ପୃଥିବୀ ପୃଷ୍ଠରୁ ପ୍ରାୟ ୧୨୫ କିଲୋମିଟର ଗଭୀରତାରେ ସୃଷ୍ଟି ହୋଇଥିଲା । ଭାନୁଆଟୁ ପ୍ରଶାନ୍ତ ମହାସାଗରର ଏକ ଭୂକମ୍ପପ୍ରବଣ ଅଚଂଳରେ ଅବସ୍ଥିତ । ଏଠାରେ ଟେକ୍ଟୋନିକ୍ ପ୍ଲେଟ୍ଗୁଡ଼ିକର ଗତିବିଧି ଯୋଗୁଁ ବାରମ୍ବାର ଭୂକମ୍ପ ଏବଂ ଆଗ୍ନେୟଗିରି କାର୍ଯ୍ୟକଳାପ ଦେଖିବାକୁ ମିଳେ ।

# ଟାରିଫ୍ ଛାଡ଼ ସତ୍ତ୍ୱେ ଭାରତ-ଆମେରିକା ସମ୍ପର୍କରେ ତିକ୍ତତା

## ୩ ପ୍ରସଙ୍ଗକୁ ନେଇ ଟ୍ରମ୍ପ ପ୍ରଶାସନ ସହ ଭାରତର ମତଭେଦ



ନୂଆଦିଲ୍ଲୀ,୨୫/୧୦ :ଆମେରିକା ଓ ଭାରତ ମଧ୍ୟରେ ସମ୍ପର୍କରେ ଦେଖାଦେଇଥିବା ତିକ୍ତତାକୁ କିଛିଟା କମାଇବା ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଋଷଠାରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ଅତିରିକ୍ତ ଟାରିଫ୍ ଲଗାଇବା ପାଇଁ ପ୍ରସ୍ତାବିତ ବିଲ୍‌କୁ ଏବେ ପାଇଁ କାର୍ଯ୍ୟକାରୀ ନକରିବାକୁ ଟ୍ରମ୍ପ ପ୍ରଶାସନ ନିଷ୍ପତ୍ତି ନେଇଛି । ଏହି ବିଲ୍‌ର ନାଁ ହେଉଛି ‘ଲିଣ୍ଡସେ ଓ. ଗ୍ରାହାମ୍ ସାଙ୍କସନିଂ ରୁଷିଆ ଆଣ୍ଡ ଇରାନ୍ ଆକ୍ଟ ଅଫ୍ ୨୦୨୬’ । ଏହି ଆଇନ କାର୍ଯ୍ୟକାରୀ ହୋଇଥିଲେ ଋଷଠାରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ବଡ଼ ଆର୍ଥିକ ଚାପ ପଡ଼ିଥାଆନ୍ତା । ଏହାର ସବୁଠାରୁ ଅଧିକ ପ୍ରଭାବ ଭାରତ ଉପରେ ପଡ଼ିବାର ଆଶଙ୍କା ଥିଲା । ଏପରି ସ୍ଥିତିରେ ଦୁଇ ଦେଶର ସମ୍ପର୍କ ଆହୁରି ଖରାପ ହୋଇପାରିଥାଆନ୍ତା । ତେବେ ଟାରିଫ୍ ନେଇ ତୁରନ୍ତ ବିପଦ ଟଳିଥିଲେ ମଧ୍ୟ ଭାରତ ଓ ଆମେରିକା ମଧ୍ୟରେ ସବୁକିଛି ଠିକ୍ ହୋଇଯାଇନାହିଁ ।

# ମୁହାଁମୁହିଁ ଧକ୍କା ହେବାପରେ ଜଳିଗଲେ ଦୁଇ ଟ୍ରେଲର

## ୨ ଡ୍ରାଇଭର ଜୀବନ୍ତ ଦଗ୍ଧ

ସୁନ୍ଦରଗଡ଼,୨୫/୧୦ (ନି/ପ୍ର): ସୁନ୍ଦରଗଡ଼ ଅଉଁଳା ବାହାଲ ଛକରେ ଭୟଙ୍କର ଦୁର୍ଘଟଣା । ମୁହାଁମୁହିଁ ଧକ୍କା ହେବାପରେ ଜଳିଗଲେ ଦୁଇ ଟ୍ରେଲର । ଦୁଇ ଗାଡିର ଚାଳକ ଜୀବନ୍ତ ଦଗ୍ଧ । ରାତି ପ୍ରାୟ ଗୋଟାଏ ବେଳେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି । ମୃତକମାନେ ହେଲେ ବିହାରର ଚନ୍ଦନ କୁମାର ଯାଦବ ଓ ଝାରଖଣ୍ଡର ମଂଟୁ ଯାଦବ । ସୂଚନାନୁଯାୟୀ, ଲେଫ୍ରିପଡା ଥାନା ଅଉଁଳା ବାହାଲ ଛକ ନିକଟରେ ଏହି ଛାତିଥରା ଦୁର୍ଘଟଣା ଘଟିଛି । ଦୁଇଟି ଟ୍ରେଲର ଧକ୍କା ହେବାପରେ ହୁତୁହୁତୁ ହୋଇ ଜଳିଯାଇଛି । ନିଆଁରେ ପୋଡ଼ି ଉଭୟ ଗାଡ଼ିର ଚାଳକଙ୍କ ମୃତ୍ୟୁ ହୋଇଛି । ଲେଫ୍ରିପଡ଼ା ପୁଲିସ ଘଟଣା ସ୍ଥଳରେ ପହଚିଂବା ବେଳକୁ ଦୁଇଟି ଗାଡ଼ି ସମ୍ପୂର୍ଣ୍ଣ ଜଳିଯାଇଥିଲା । ଏହି ମର୍ମନ୍ତୁଦ ଦୁର୍ଘଟଣା ସାରା ଅଚଂଳକୁ ସ୍ତବ୍ଧ କରିଦେଇଛି । ଦୁର୍ଘଟଣାର କାରଣ ଜଣାପଡ଼ିନଥିବା ବେଳେ ପୁଲିସର ତଦନ୍ତ ପରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି କୁହାଯାଉଛି । ଏହା ପୂର୍ବରୁ ଗତ ଏପ୍ରିଲ ୩୦ ତାରିଖ ଭୋର ପ୍ରାୟ ୩ଟା ସମୟରେ ହେମଗିର ଥାନା ଗୋପାଳପୁର-ରତନସରା ରାସ୍ତା ମଝି ଡିବିଏଲ କ୍ୟାମ୍ପ ନିକଟରେ ଏକ ଖାଲି କୋଇଲା ଟ୍ରକ୍ ଓ ଆଇରନ ବୋଝେଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ଆଇରନ ବୋଝେଇ ଟ୍ରକ ସହ ଡ୍ରାଇଭର୍ ମନିଷ କୁମାର ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ ।

# ଫ୍ରାନ୍ସ-ସ୍ପେନ୍‌ରେ ପ୍ରତିବାଦ ଜାରି, ଦୋକାନ ଲୁଟିଲେ ମୁଖାପିନ୍ଧା ଦୁର୍ବୃତ୍ତ

ପ୍ୟାରିସ୍,୨୫/୧୦: ଫ୍ରାନ୍ସରେ ଲକ୍ଷ ଲକ୍ଷ ପ୍ରଦର୍ଶନକାରୀ ପୁଣି ଥରେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ପ୍ୟାରିସରୁ ୧୨୦ କିଲୋମିଟର ଦୂରରେ ଥିବା ଅର୍ଲିଅନ୍ସରେ ଆରମ୍ଭ ହୋଇଥିବା ପ୍ରତିବାଦ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଥିଲା । କିନ୍ତୁ ଶନିବାର ସନ୍ଧ୍ୟାରେ ପୁଣି ଥରେ ହିଂସାତ୍ମକ ହୋଇଗଲା । ଅନେକ ସ୍ଥାନରେ ପ୍ରଦର୍ଶନକାରୀ ଏବଂ ପୁଲିସ ମଧ୍ୟରେ ସଂଘର୍ଷ ହୋଇଥିଲା । ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସକୁ ଲୁହବୁହା ଗ୍ୟାସ ଏବଂ ପାଣି ତୋପ ପ୍ରୟୋଗ କରିବାକୁ ପଡିଥିଲା । ପ୍ରଦର୍ଶନ ଉପରେ ନିଷେଧ ସତ୍ତ୍ୱେ, ପ୍ୟାରିସରେ ପ୍ରାୟ ୧,୧୦,୦୦୦ ଏବଂ ସାରା ଦେଶରେ ୪,୧୦,୦୦୦ ପ୍ରଦର୍ଶନକାରୀ ସେମାନଙ୍କ ଦାବିକୁ ସମର୍ଥନ କରି ରାସ୍ତାକୁ ଓହ୍ଲାଇଥିଲେ । ମାର୍ସେଲି, ଲିଓନ, କ୍ଲରମୋଣ୍ଟ-ଫେରାଣ୍ଡ ଏବଂ ଷ୍ଟ୍ରାସବର୍ଗରେ ପୁଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା । ନାଇସ ଏବଂ ନାଣ୍ଟେସରେ ପାଣି ତୋପ ମୁତୟନ କରାଯାଇଥିଲା । ପ୍ରଦର୍ଶନକାରୀମାନେ ପୁଲିସ ଉପରେ ପ୍ରୋଜେକ୍ଟାଇଲ ସାହାଯ୍ୟରେ ଆକ୍ରମଣ କରିଥିଲେ । ରଏଟର୍ସଙ୍କ ରିପୋର୍ଟ ଅନୁଯାୟୀ, ରାଲି ଶେଷ ହେବା ପରେ ପ୍ୟାରିସରେ ମୁଖା ପିନ୍ଧିଥିବା ୫୦୦ରୁ ଅଧିକ ପ୍ରଦର୍ଶନକାରୀ ପୁଲିସ ଉପରେ ପଥର ମାଡ଼ କରିଥିଲେ । ମାର୍ସେଲରେ ପ୍ରଦର୍ଶନକାରୀମାନେ ବଡ଼ ବଡ଼ ଧାତୁ ଚାଦର ସହିତ ରାସ୍ତା ଅବରୋଧ କରିଥିଲେ । ଅଳିଆ ଡବା ପୋଡ଼ି ଦେଇଥିଲେ ଏବଂ ପୁଲିସ ଉପରେ ପଥର ଏବଂ ବୋତଲ ଫିଙ୍ଗିଥିଲେ । ପୁଲିସ ଅନୁଯାୟୀ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ସଂଘର୍ଷ ଜାରି ରହିଥିଲା । ପ୍ରଦର୍ଶନକାରୀମାନେ ଦୁଇଟି ଅଳଙ୍କାର ଦୋକାନରେ ମଧ୍ୟ ପଶିବାକୁ ଚେଷ୍ଟା କରିଥିଲେ । ବୋର୍ଡୋ, ଲିଓନ୍ ଏବଂ ଗ୍ରେନୋବଲରେ ମଧ୍ୟ ହିଂସା ଘଟିଥିଲା । ପୁଲିସ କହିଛି ଯେ ଗତ ସପ୍ତାହ ତୁଳନାରେ ଏଥର ହିଂସାର ଘଟଣା କମ୍ ହୋଇଛି । କେନ୍ଦ୍ରୀୟ ପ୍ୟାରିସରେ ସୁରକ୍ଷା ଏତେ କଡ଼ା ଥିଲା ଯେ ଅନେକ ଅଚଂଳରେ ସାଧାରଣ ଜୀବନ ବାଧାପ୍ରାପ୍ତ ହୋଇଥିଲା । ଦୋକାନୀମାନେ ସେମାନଙ୍କ ଦୋକାନ ସମ୍ମୁଖରେ କାଠ ବୋର୍ଡ ଲଗାଇଥିଲେ । ଲୁଭ୍ରେ, ମୁସି ଡି’ଅରସେ ଏବଂ ପ୍ୟାରିସ ଅପେରା ଭଳି ପ୍ରମୁଖ ସାଂସ୍କୃତିକ ପ୍ରତିଷ୍ଠାନ ବନ୍ଦ ରହିଥିଲା । ୨୦ରୁ ଅଧିକ ମେଟ୍ରୋ ଷ୍ଟେସନ ମଧ୍ୟ ବନ୍ଦ ଥିଲା ।

# ସୃଷ୍ଟି ହେଲା ଅବପାତ, ପ୍ରବଳ ବର୍ଷା ସମ୍ଭାବନା :

## ୨୮ ତାରିଖ ପୂର୍ବାହ୍ନରେ ସ୍ଥଳଭାଗ ଅତିକ୍ରମ କରିବ ବାତ୍ୟା



ଭୁବନେଶ୍ୱର,୨୫/୧୦(ନି/ପ୍ର): ମହାବାତ୍ୟାର ତାଣ୍ଡବ ୨୭ ବର୍ଷ ପରେ ମଧ୍ୟ ଓଡ଼ିଶାବାସୀଙ୍କ ମନରୁ ଲିଭି ନାହିଁ । ୧୯୯୯ ଅକ୍ଟୋବର ୨୯ ତାରିଖର ସେହି କଳାଦିନକୁ ଯେଉଁମାନେ ଦେଖିଛନ୍ତି, ଏବେ ବି ଥରି ଉଠନ୍ତି । ଏବେ ପୁଣି ସେହି ଅକ୍ଟୋବର ଶେଷ ସପ୍ତାହକୁ ନେଇ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାବାସୀଙ୍କ ମନରେ ଚିନ୍ତା । ଏହାର କାରଣ ହେଲା ସମ୍ଭାବ୍ୟ ବାତ୍ୟା । ଭାରତୀୟ ପାଣିପାଗ ବିଭାଗ ବିଭାଗ ସ୍ପଷ୍ଟ କରିଛି ଯେ ପୂର୍ବ-କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ଅଧିକ ଘନୀଭୂତ ହୋଇ ୨୪ ତାରିଖ ଅବପାତରେ ପରିଣତ ହେବ । ୨୫ ତାରିଖରେ ଗଭୀର ଅବପାତରେ ପରିଣତ ହେବ । ଏହାପରେ ପଶ୍ଚିମ-ଉତରପଶ୍ଚିମ ଦିଗରେ ଗତି କରିବା ସହ ୨୬ ତାରିଖ ସକାଳେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟାରେ ପରିଣତ ହେବ । ପରବର୍ତ୍ତୀ ଦୁଇ ଦିନ ଅର୍ଥାତ ୨୭ ଓ ୨୮ ତାରିଖରେ ଅଧିକ ଘନୀଭୂତ ହେବା ସହ ପଶ୍ଚିମ-ଉତରପଶ୍ଚିମ ଦିଗରେ ଗତି କରି ଉତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ସ୍ଥଳଭାଗ ଛୁଇଁବ । ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଗଣମାଧ୍ୟମକୁ ଏହା କହିଛନ୍ତି । ବାତ୍ୟା ରୂପ ନେଲେ ଏହାର ନାମ ‘ଅର୍ଣ୍ଣବ’ ରହିବ ବୋଲି ସେ ସୂଚନା ଦେଇଛନ୍ତି ।

# ମକ୍କା-ମଦିନାରେ ବଡ଼ ଆକ୍ରମଣ :



ନୂଆଦିଲ୍ଲୀ,୨୫/୧୦: ମଧ୍ୟପ୍ରାଚ୍ୟରେ ଥମୁନି ଉତେଜନା । ଇସ୍ରାଏଲ-ୟୁକ୍ରେନ୍, ଇରାନ୍-ଆମେରିକା-ଇସ୍ରାଏଲ ମଧ୍ୟରେ ଉତେଜନା ଭିତରେ ଇରାନ୍ ସମର୍ଥିତ ହୁତି ଏବଂ ସାଉଦି ଆରବ ମଧ୍ୟରେ ଆକ୍ରମଣ-ପ୍ରତିଆକ୍ରମଣ ଜାରି ରହିଛି । ୟେମେନର ହୁତି ବିଦ୍ରୋହୀମାନେ ଶନିବାର ସାଉଦି ଆରବ ଉପରେ ଏକ ବଡ଼ ଧରଣର ଆକ୍ରମଣ କରିଥିବା ଦାବି କରିଛନ୍ତି । ହୁତି ବିଦ୍ରୋହୀ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ସହିତ ସାଉଦି ରଣନୀତିକ ଶକ୍ତି ଘାଟିକୁ ଟାର୍ଗେଟ କରିଥିଲେ । ଏହି ସମୟରେ ମକ୍କା-ମଦିନାକୁ ଟାର୍ଗେଟ କରୁଥିବା ଖବର ମଧ୍ୟ ରହିଛି । ତେବେ ହୁତି ବିଦ୍ରୋହୀମାନେ ମକ୍କା ଏବଂ ମଦିନା ଉପରେ ଆକ୍ରମଣ କରିବାକୁ ଅସ୍ୱୀକାର କରିଛନ୍ତି । ସେ କହିଛନ୍ତି ଯେ, ସାଉଦି ଆରବର ବିମାନବନ୍ଦର ଏବଂ ତୈଳ ବିଶୋଧନାଗାରକୁ ଟାର୍ଗେଟ କରାଯାଇଛି । ଏହି ଆକ୍ରମଣ ପରେ ସାଉଦି ଆରବ ଆଲର୍ଟରେ ରହିଛି । ଉଡ଼ାଣ ବାତିଲ ହୋଇଛି । କେଉଁଠି କେଉଁଠି ହୋଇଛି ହମଲା- ଆକ୍ରମଣର ମୁଖ୍ୟ ଟାର୍ଗେଟଗୁଡ଼ିକ ମଧ୍ୟରେ ସାଉଦି ଆରବର ରାଜଧାନୀ ରିୟାଦର ଅନ୍ତର୍ଜାତୀୟ ବିମାନବନ୍ଦର ରହିଛି । ହୁତି ବିଦ୍ରୋହୀମାନେ ୟାନବୁରେ ଥିବା ସାଉଦି ଆରାମକୋ ତୈଳ ସୁବିଧା, ରବିଖ୍ ତୈଳ ବିଶୋଧନାଗାର, ଦମ୍ମାମର କିଙ୍ଗ ଫହଦ୍ ଅନ୍ତର୍ଜାତୀୟ ବିମାନବନ୍ଦର, ନଜରାନର ବିମାନବନ୍ଦର ଏବଂ ଖାମିସ୍ ମୁଶାତର ଏୟାରବେସ୍ ଉପରେ ଆକ୍ରମଣ କରିଛନ୍ତି । ୟାନବୁ ଲୋହିତ ସାଗର କୂଳରେ ଅବସ୍ଥିତ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଏବଂ ଶକ୍ତି କେନ୍ଦ୍ର ।

# ଇରାନ ଉପରେ ଆକ୍ରମଣ କରିପାରେ ଆମେରିକା :

## ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଭୋଟ୍ ଦେବା ପରେ ଟ୍ରମ୍ପଙ୍କ ଚେତାବନୀ



ୱାସିଂଟନ,୨୫/୧୦: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନ ଉପରେ ଖୁବ୍ ଶୀଘ୍ର ଏକ ବଡ଼ ସାମରିକ ଆକ୍ରମଣ ହେବାର ସମ୍ଭାବନାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ଟ୍ରମ୍ପ କହିଛନ୍ତି, ଇରାନ ସହିତ ଏକ ଚୁକ୍ତି ହେବ ନଚେତ୍ ମୁଁ ସେହି ଦେଶକୁ ଧ୍ୱଂସ କରିଦେବି । ଆମେରିକା ଆସନ୍ତାକାଲି ଇରାନ ଉପରେ ଆକ୍ରମଣ କରିପାରେ କିମ୍ବା ଏକ ବଡ଼ ଚୁକ୍ତି କରିପାରେ । ଫ୍ଲୋରିଡାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଭୋଟ୍ ଦେବା ପରେ ସେ ଏଭଳି ଏହି କଠୋର ମନ୍ତବ୍ୟ ଦେଇଛନ୍ତି । ଫଳରେ ଇରାନରେ ପୁଣି ଥରେ ଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ସୃଷ୍ଟି କରିଛି । ଟ୍ରମ୍ପଙ୍କୁ ପଚରାଯାଇଥିଲା ଯେ, ଆମେରିକା ପୁଣି ଥରେ ଇରାନ ଉପରେ ଆକ୍ରମଣ କରିବ କି ? ଏହାର ଉତ୍ତରରେ ଟ୍ରମ୍ପ କହିଥିଲେ, ତୁମେ କ’ଣ ପ୍ରକୃତରେ ଭାବୁଛ ଯେ ମୁଁ ତୁମକୁ ଏହା କହିବି ? ହୁଏତ ଆସନ୍ତାକାଲି ମୁଁ କହିବି । ଏହା ମଧ୍ୟ ସମ୍ଭବ ଯେ, ଆମେ ଏକ ଭଲ, ବଡ଼ ଏବଂ ଉତ୍କୃଷ୍ଟ ଚୁକ୍ତି କରିପାରିବା । ସେମାନେ ଏକ ଚୁକ୍ତି କରିବାକୁ ଚାହାନ୍ତି, କିନ୍ତୁ ପ୍ରଶ୍ନ ହେଉଛି ସେମାନେ ସେହି ଚୁକ୍ତିକୁ ପାଳନ କରିବେ କି ? ଆମେରିକା ସହିତ ଏକ ଚୁକ୍ତି କରି ଇରାନ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନକୁ ଏଡାଇ ପାରିବ । ଆମେରିକାର ଲକ୍ଷ୍ୟ ହେଉଛି ଇରାନକୁ ପରମାଣୁ ଅସ୍ତ୍ର ବିକାଶ କରିବାରୁ ରୋକିବା । ଏଥିପାଇଁ ମୁଁ ଏକ ସ୍ଥାୟୀ ସମାଧାନ ଖୋଜିବାକୁ ଚେଷ୍ଟା କରୁଛି । ଏହା ହିଁ ଏକମାତ୍ର କାରଣ ଯାହା ପାଇଁ ମୁଁ ନିରନ୍ତର ଇରାନ ବିରୋଧରେ ଲଢୁଛି । ପଶ୍ଚିମ ଏସିଆରେ ତାଙ୍କ ପ୍ରଶାସନର ଯୋଜନାକୁ ବେଶ୍ ଭଲ ବୋଲି କହି ସେ ସେଠାରେ ନିୟୋଜିତ ସେନାକୁ ପ୍ରଶଂସା କରି କହିଛନ୍ତି, ଆମେ ଏକ ମହାନ କାମ କରିଛୁ । ଆମର ନୌସେନା ଏବଂ ସେନା ଏକ ମହାନ କାମ କରିଛନ୍ତି । ସେମାନେ ପ୍ରତ୍ୟେକ ଇରାନୀ ଯୁଦ୍ଧ ବିମାନକୁ ନଷ୍ଟ କରିଦେଇଛନ୍ତି । ୨୫୯ ଜାହାଜ ସମୁଦ୍ରରେ ବୁଡ଼ି ଯାଇଛି । ସେମାନଙ୍କ ପାଖରେ କେବଳ ରେକର୍ଡ ଭାଙ୍ଗିଥିବା ମୁଦ୍ରାସ୍ଫୀତି ରହିଛି । ଟ୍ରମ୍ପ ଗତ କିଛି ଦିନ ମଧ୍ୟରେ ଅନେକ ଥର ଇରାନ ଉପରେ ଆଉ ଏକ ସାମରିକ ଆକ୍ରମଣର ସୂଚନା ଦେଇ କହିଛନ୍ତି ଯେ, ଯଦି ଏକ ଚୁକ୍ତି ନହୁଏ, ତେବେ ଆମେରିକୀୟ ସାମରିକ ବାହିନୀ ଇରାନ ଉପରେ ଆଉ ଏକ ଆକ୍ରମଣ ଆରମ୍ଭ କରିପାରେ । ଟ୍ରମ୍ପ ଏହା ମଧ୍ୟ ଦାବି କରିଛନ୍ତି ଯେ, ଇରାନ ପୂର୍ବରୁ ପରାଜୟର ସମ୍ମୁଖୀନ ହୋଇସାରିଛି କିନ୍ତୁ ସାମରିକ କାର୍ଯ୍ୟାନୁଷ୍ଠାନର ବିକଳ୍ପ ଏବେ ବି ଖୋଲା ଅଛି ।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ ‘ଉତ୍କଳ ସମାଚାର’ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ପୋଷଣ ମାସ ପାଳିତ : ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ଦ୍ୱାରା ପାରମ୍ପରିକ ଓ ପୌଷ୍ଟିକ ଖାଦ୍ୟ ପ୍ରଦର୍ଶନୀ

କେନ୍ଦୁଝର,୨୫/୧୦(ନି/ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ 'ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ' ସଫଳତାର ସହ ପାଳିତ ହୋଇଯାଇଛି । ଗତ ୯ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଚାଲିଥିବା ଏହି 'ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ' ବାର୍ତ୍ତା ଭିତିକ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ ପୌଷ୍ଟିକ ଓ ସ୍ୱାସ୍ଥ୍ୟକର ବ୍ୟଞ୍ଜନର ଏକ ସୁନ୍ଦର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଏହି ପ୍ରଦର୍ଶନୀରେ ମାଣ୍ଡିଆ, ସୁଜୀ, ଦେଶୀ ଚାଉଳ ଓ ବିରିରୁ ପ୍ରସ୍ତୁତ ବିଭିନ୍ନ ସ୍ୱାଦିଷ୍ଟ ପାରମ୍ପରିକ ଖାଦ୍ୟ ସାମଗ୍ରୀ ପରିବେଷଣ କରାଯାଇଥିଲା । ଏହାସହିତ ଦେଶୀ ପନିପରିବା, ଶାଗ, ଅଣ୍ଡାରେ ଥିବା ଗୁଣକାରୀ ପୋଷକତତ୍ୱ ଏବଂ ମା' ଓ ଶିଶୁଙ୍କ ପାଇଁ ପୋଷଣ ଖାଦ୍ୟର ମହତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ମନ୍ଦରଧର ମହାଲିକ ଏବଂ କେନ୍ଦୁଝର ଉପ-ଜିଲ୍ଲାପାଳ ଶ୍ରୀ ଉମାଶଙ୍କର ଦଳାଇ ଯୋଗଦେଇ ମା' ଓ ଶିଶୁଙ୍କ ମଧ୍ୟରେ ସୁଷମ ଖାଦ୍ୟର ଆବଶ୍ୟକତା ଏବଂ କୁପୋଷଣ ଦୂରୀକରଣରେ ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଭାନୁମତୀ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, କେନ୍ଦୁଝର ସଦର ପିଓ ଶ୍ରୀମତୀ ଚୂଳେଶ୍ୱରୀ ପଟେଲ, ଅତିରିକ୍ତ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁଧା ଗୋସ୍ୱାମୀ, ଜିଲ୍ଲା ସଂଯୋଜକ(ପୋଷଣ) ଶ୍ରୀ ଅଜିତ କୁମାର ମହାନ୍ତି, ବିଭିନ୍ନ ପଂଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଏବଂ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବୈତରଣୀ ନଦୀରେ ଗାଧୋଇବା ବେଳେ ନିଖୋଜ; ୨ ଯୁବକଙ୍କ ମୃତଦେହ ଉଦ୍ଧାର



ବାମେବାରୀ,୨୫/୧୦(ନି/ପ୍ର):କେନ୍ଦୁଝରଜିଲ୍ଲା ବାମେବାରୀ ଥାନା ଗୁରୁବେଡ଼ାସ୍ଥିତ ବୈତରଣୀ ନଦୀରେ ସାଙ୍ଗମାନଙ୍କ ସହିତ ଗାଧୋଇବା ବେଳେ ଅଘଟଣ ଘଟିଛି । ଗୋଡ଼ ଖସି ଯିବାରୁ ନଦୀରେ ବୁଡ଼ି ନିଖୋଜି ହୋଇଥିବା ଦୁଇ ଯୁବକଙ୍କ ମୃତଦେହ ଭିନ୍ନଭିନ୍ନ ସମୟରେ ଉଦ୍ଧାର ହୋଇଛି । ମୃତ ବ୍ୟକ୍ତି ହେଲେ ଜୁରୁଡି ପେଣ୍ଠେଇ ବସ୍ତିର ସନାତନ ପେଣ୍ଠେଇ । ସୂଚନା ଅନୁସାରେ ଜୁରୁଡି ପେଣ୍ଠେଇ ବସ୍ତିର ୬ଜଣ ଯୁବକ ବୈତରଣୀ ନଦୀସ୍ଥିତ ପର୍ଯ୍ୟଟନ ସ୍ଥଳୀକୁ ଯାଇଥିଲେ । ଏହି ଯୁବକ ଗୋଷ୍ଠୀରେ ସନାତନ ପେଣ୍ଠେଇ ମଧ୍ୟ ଥିଲେ । ସେଠାରେ ସମସ୍ତେ ଗାଧୋଇବା ସମୟରେ ସନାତନ ଏବଂ ତାଙ୍କର ଜଣେ ଅନ୍ୟ ସାଙ୍ଗଙ୍କ ଗୋଡ ଖସି ଯିବାରୁ କିଛି ଦୂର ପର୍ଯ୍ୟନ୍ତ ସେ ଭାସିଯାଇ ଥିଲେ । ଏହି ସମୟରେ ସେ ତାଙ୍କୁ ଉଦ୍ଧାର କରିବା ପାଇଁ ସାଙ୍ଗମାନେ ଚେଷ୍ଟା କରିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ସେମାନେ ବୁଡି ଯାଇ ନିଖୋଜ ହୋଇଯାଇ ଥିଲେ । ଏନେଇ ବାମେବାରୀ ପୁଲିସକୁ ଖବର ଦେବା ପରେ ପୁଲିସ ଅଗ୍ନିଶମ ବାହିନୀ ସହିତ ଘଟଣାସ୍ଥଳରେ ପହଚିଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । ପରେ ସନାତନ ପେଣ୍ଠେଇଙ୍କ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ । ମୃତଦେହ ଭାସୁଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୁଲିସ ପହଚିଂ ମୃତଦେହ ଉଦ୍ଧାର କରିଛି । ସେହିପରି ସମାନ ସ୍ଥାନରୁ ଅନ୍ୟ ଯୁବକଙ୍କର ମୃତଦେହ ଉଦ୍ଧାର ହୋଇଛି ।

# ନିଜ ଖର୍ଚ୍ଚରେ ରାସ୍ତା ମରାମତି କଲେ ଗ୍ରାମବାସୀ

ଖୋର୍ଦ୍ଧା,୨୫/୧୦:ଗାଁ ରାସ୍ତା ମରାମତି ପାଇଁ ବାରମ୍ବାର ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କଲେ ହେଲେ କୌଣସି ସୁଫଳ ମିଳିଲାନି । ଶେଷରେବାଧ ହୋଇ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରିବା ସହ ଶ୍ରମଦାନ କରି ଗାଁ ରାସ୍ତା ମରାମତି କରିବାକୁ ଅଟାଂ ଭିଡ଼ିଲେ ଗ୍ରାମବାସୀ । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ପଙ୍ଗାରସିଂହ ପଚାଂୟତର କୁରାଡ଼ିଲୋ ଗ୍ରାମରେ । ଗ୍ରାମର ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ବିଭିନ୍ନ ସମୟରେ ଲୋକଙ୍କ ଯାତାୟାତରେ ସମସ୍ୟା ଉପୁଜୁଥିଲା । ରାସ୍ତାରେ ଥିବା ଖାଲଖମାରେ ପାଣି ଜମି ରହିବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିଲା । ଏପରିକି ନିକଟସ୍ଥ ପଙ୍ଗାରସିଂହ ଗାଁ ର କୁନିକୁନି ପିଲମାନେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଉଥିବା ରାସ୍ତାରେ ପଡ଼ି ଆହତ ହେଉଛନ୍ତି । ଦୈନିକ ଯାତାୟାତରେ ରାସ୍ତା ଗ୍ରାମବାସୀଙ୍କ ପାଇଁ ମରଣ ଯନ୍ତା ପାଲଟିଥିଲା । ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ସରପଚଂଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ।

# ପାଟଣାର ପୂର୍ବତନ ବିଧାୟକ କାହ୍ନୁଚରଣ ନାୟକଙ୍କ ପରଲୋକ



କେନ୍ଦୁଝର,୨୫/୧୦(ନି/ପ୍ର): ପାଟଣାର ପୂର୍ବତନ ବିଧାୟକ ତଥା ଜନତା ଦଳର ପୂର୍ବତନ ଜିଲ୍ଲା ସଭାପତି କାହ୍ନୁଚରଣ ନାୟକଙ୍କ ପରଲୋକ । ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଥିବା ବେଳେ ମର୍ମାହତ ହୋଇପଡ଼ିଛନ୍ତି ପରିବାରବର୍ଗ ଓ ଶୁଭେଚ୍ଛୁ । ପାଟଣା ଅଂଚଳର ଜଣେ ପୂର୍ବତନ ଜନପ୍ରତିନିଧି କାହ୍ନୁଚରଣ ନାୟକ ଆଉ ନାହାନ୍ତି । ୧୯୯୦ ମସିହାରୁ ୧୯୯୫ ମସିହା ପର୍ଯ୍ୟନ୍ତ ସେ ପାଟଣାର ବିଧାୟକ ଭାବେ ଦାୟିତ୍ୱ ତୁଲାଇଥିଲେ । ସେହିପରି ୧୯୯୨ରୁ ୧୯୯୪ ମସିହା ପର୍ଯ୍ୟନ୍ତ ଜନତା ଦଳର ଜିଲ୍ଲା ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ବିଧାୟକ ଥିବା ସମୟରେ ନିଜ ଅଂଚଳର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ତାଙ୍କର ଅବଦାନ ରହିଥିଲା । ତେବେ ଗତ କିଛି ମାସ ଧରି ଗୋଡ଼ ଭାଙ୍ଗିଯିବା କାରଣରୁ ସେ ଚିକିତ୍ସାଧୀନ ଥିଲେ । ପ୍ରଥମେ ଏକ ଘରୋଇ ମେଡିକାଲରେ ଭର୍ତ୍ତି ହେବା ପରେ ତାଙ୍କୁ କେନ୍ଦୁଝର ମେଡିକାଲକୁ ଅଣାଯାଇଥିଲା । ଶେଷରେ ଗତକାଲି ସନ୍ଧ୍ୟା ୮ଟା ସମୟରେ ୭୯ ବର୍ଷରେ ତାଙ୍କର ପରଲୋକ ଘଟିଛି । ତାଙ୍କ ବିୟୋଗରେ ପରିବାରବର୍ଗ ଗଭୀର ଦୁଃଖରେ ଭାଙ୍ଗିପଡ଼ିଥିବାବେଳେ ଅଂଚଳରେ ଶୋକର ବାତାବରଣ ସୃଷ୍ଟି ହୋଇଛି ।

# ଓଡ଼ିଶା କରଣୀ ସେନା ଯୁବ ଶକ୍ତିର ରାଜ୍ୟ ସଭାପତି ହେଲେ ଶୁଭମ୍ ରାଜ୍

କେନ୍ଦୁଝର,୨୫/୧୦(ନି/ପ୍ର): କରଣୀ ସେନା(ପଞ୍ଜୀକୃତ), ଓଡ଼ିଶାର ଯୁବ ଶକ୍ତିର ନୂତନ ରାଜ୍ୟ ସଭାପତି ଭାବେ ଦାୟିତ୍ୱ ନେଲେ କେନ୍ଦୁଝର ଜିଲ୍ଲାର ଶ୍ରୀ ଶୁଭମ୍ ରାଜ୍ । ତାଙ୍କୁ ଏହି ଗୁରଦାୟିତ୍ୱ ପ୍ରଦାନ କରିଥିବାରୁ ଶ୍ରୀ ରାଜ୍ କରଣୀ ସେନା ଯୁବ ଶକ୍ତିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନୀଳମାଧବ ସିଂହ ଦେଓ ଜୀ ଏବଂ ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ଶ୍ରୀମତୀ ରାଖୀ ଗର୍ଗ ଜୀଙ୍କ ପ୍ରତି ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏଥିସହିତ, କରଣୀ ସେନାର ଆଦରଣୀୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ସୂରଜ ପାଲ ଅମୁ ଜୀ ଏବଂ କରଣୀ ସେନା, ଓଡ଼ିଶା ପ୍ରଦେଶର ରାଜ୍ୟ ସଭାପତି ଶ୍ରୀ ପ୍ରେମ ପ୍ରକାଶ ସିଂହ ଜୀଙ୍କୁ ଶ୍ରୀ ରାଜ୍ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି । ତାଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ସେ ସମସ୍ତ ଆଦରଣୀୟ ନେତୃବୃନ୍ଦଙ୍କ ନିକଟରେ ଚିରକୃତଜ୍ଞ ହେବା ସହ ତାଙ୍କ ପାଇଁ ଏହି ନିଯୁକ୍ତି କେବଳ ଏକ ପଦବୀ ନୁହେଁ, ବରଂ ସମାଜ, ରାଷ୍ଟ୍ର ଓ ସଂଗଠନ ପ୍ରତି ସେବା, ସମର୍ପଣ, ନିଷ୍ଠା ଏବଂ କର୍ତବ୍ୟପରାୟଣତାର ସହ କାର୍ଯ୍ୟ କରିବାର ଏକ ମହତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ଶ୍ରୀ ରାଜ୍ କହିଛନ୍ତି । ସେ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି ଯେ, ସଂଗଠନର ଆଦର୍ଶ, ବିଚାରଧାରା ଓ ସିଦ୍ଧାନ୍ତକୁ ଅନୁସରଣ କରି ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କରଣୀ ସେନାର ସଂଗଠନକୁ ଅଧିକ ସୁଦୃଢ଼ କରିବେ, ଯୁବଶକ୍ତିକୁ ସଂଗଠିତ କରିବେ ଏବଂ ସମାଜ ଓ ରାଷ୍ଟ୍ରର ହିତ ପାଇଁ ନିରନ୍ତର କାର୍ଯ୍ୟ କରିବା ଦିଗରେ ସର୍ବଦା ନିଷ୍ଠାର ସହ ଉଦ୍ୟମ କରିବେ ।

# ଗଞ୍ଜାମରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ପାଇଁ ପ୍ରସ୍ତୁତି

## ୧୧୦ ବନ୍ୟା ଆଶ୍ରୟସ୍ଥଳୀ ସହ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍




ଛତ୍ରପୁର,୨୫/୧୦(ନି/ପ୍ର): ସମ୍ଭାବ୍ୟ ବନ୍ୟାବାତ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ପାଇଁ ଗଞ୍ଜାମଜିଲ୍ଲାପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ସହ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ମଣିଷଙ୍କ ଧନଜୀବନଠାରୁ ଆରମ୍ଭ କରି ଗୃହପାଳିତ ପଶୁ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ସାଧାରଣ ସମ୍ପତ୍ତିର କ୍ଷୟକ୍ଷତିକୁ ସର୍ବନିମ୍ନ ସ୍ତରରେ ରଖିବାକୁ ଜିଲ୍ଲା ପ୍ରଶାସନ ସର୍ବାଧିକ ପ୍ରାଥମିକତା ଦେଇଛି । ଏନେଇ ଆଜି ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ଓ୍ୱାନ୍ ହଲ୍‌ରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ପାଣିପାଗ ବିଭାଗର ବର୍ତ୍ତମାନର ଆକଳନ ଅନୁଯାୟୀ, ଆସନ୍ତା ୨୬ ତାରିଖ ସନ୍ଧ୍ୟାଠାରୁ ବର୍ଷା ଆରମ୍ଭ ହୋଇ ୨୭, ୨୮ ଓ ୨୯ ତାରିଖରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଚଂଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ବାତ୍ୟାର ସମ୍ଭାବ୍ୟ ଗତିପଥ ଓ ପ୍ରଭାବ, ଝଡ଼ ପବନ, ଭୂସ୍ଖଳନ ଆଶଙ୍କା ଥିବା କଳିଙ୍ଗଘାଟି ସମେତ ବିଭିନ୍ନ ସମ୍ବେଦନଶୀଳ ଅଚଂଳର ସ୍ଥିତି, ଜଳ ନିଷ୍କାସନ, ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥା ଏବଂ ଜରୁରୀକାଳୀନ ସେବାର ପ୍ରସ୍ତୁତି ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ଗ୍ରହଣ ଓ ବିଭାଗୀୟ ସମନ୍ୱୟ ରକ୍ଷା ପାଇଁ ଜିଲ୍ଲାର ସମ୍ପୃକ୍ତ ଅଧିକାରୀଙ୍କ ଛୁଟି ବାତିଲ କରାଯିବା ସହ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ମୁଖ୍ୟାଳୟ ନଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ବ୍ଲକ୍‌ରେ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଆୟୋଜନ କରି ସ୍ଥାନୀୟ ପରିସ୍ଥିତି ଓ ଆବଶ୍ୟକତା ଅନୁଯାୟୀ ମୁକାବିଲା ଯୋଜନା ପ୍ରସ୍ତୁତ କରିବା ସହ ତୃଣମୂଳସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ସମସ୍ତ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି । ସମ୍ଭାବ୍ୟ ଜଳବନ୍ଦୀ ପରିସ୍ଥିତିକୁ ଏଡ଼ାଇବା ପାଇଁ ଜିଲ୍ଲାର ଡ୍ୟାମ୍‌ଗୁଡ଼ିକର ଜଳସ୍ତର ଓ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ନିରନ୍ତର ନଜର ରଖିବାକୁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବ ବର୍ଷା ସମୟରେ ବ୍ରହ୍ମପୁର ସହର ସମେତ ଜିଲ୍ଲାର ଅନ୍ୟାନ୍ୟ ଅଚଂଳରେ ଜଳବନ୍ଦୀ ସୃଷ୍ଟି ହୋଇଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରି ଡ୍ରେନ୍ ଓ ଜଳ ନିଷ୍କାସନ ପଥ ସଫା କରିବା ସହ ଆବଶ୍ୟକ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାରେ ୧୧୦ଟି ସ୍ଥାୟୀ ବନ୍ୟାବାତ୍ୟା ଆଶ୍ରୟସ୍ଥଳୀ ସହ ୧,୦୦୦ରୁ ଊର୍ଦ୍ଧ୍ୱ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି । ଏହି ଆଶ୍ରୟସ୍ଥଳୀଗୁଡ଼ିକରେ ଏକକାଳୀନ ପ୍ରାୟ ୧ ଲକ୍ଷ ୫୦ ହଜାର ଲୋକଙ୍କୁ ସୁରକ୍ଷିତ ଭାବେ ରଖାଯାଇପାରିବ । ଆବଶ୍ୟକସ୍ଥଳେ ଉପକୂଳବର୍ତ୍ତୀ ଓ ତଳିଆ ଅଚଂଳର ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ଆଶ୍ରୟସ୍ଥଳୀରେ ଖାଦ୍ୟ ଓ ପାନୀୟ ଜଳ ମହଜୁଦ ରଖିବା, ଚିକିତ୍ସା ସେବା, ବିଦ୍ୟୁତ୍ ଯୋଗାଣ ଓ ଯୋଗାଯୋଗ ବ୍ୟବସ୍ଥା ସଚଳ ରଖିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି । ଜରୁରୀ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ୯ଟି ଓଡ୍ରାଫ୍ ଟିମ୍ ଓ ୨ଟି ଏନ୍‌ଡିଆରଏଫ୍ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି । ସମ୍ଭାବ୍ୟ ବନ୍ୟାବାତ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନଯିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି । ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନେ ତୁରନ୍ତ ତଟକୁ ଫେରିଆସିବା ସହ ପାଣିପାଗ ବିଭାଗର ସତର୍କ ସୂଚନା ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି । ଚାଷୀ ଭାଇଭଉଣୀମାନଙ୍କୁ ମଧ୍ୟ ପାଣିପାଗ ବିଭାଗର ପରାମର୍ଶ ଅନୁଯାୟୀ ଫସଲର ସୁରକ୍ଷା, ଅମଳ ଓ ସଂରକ୍ଷଣ ପାଇଁ ଆଗୁଆ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି ।

# ମଦ ବନ୍ଦ ଦାବିରେ ଘେରାଉ କଲେ ଶତାଧିକ ମହିଳା

ଜୟପୁର,୨୫/୧୦(ନି/ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବଡ଼ଜିଉନା ପଂଚାୟତରେ ବେଆଇନ ମଦ କାରବାର ବନ୍ଦ ଦାବିରେ ଶତାଧିକ ମହିଳା । ଏହି ମଦ କାରବାର ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବା ଦାବିରେ ଗ୍ରାମବାସୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏକତ୍ରିତ ହୋଇ ଜୟପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ଓ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଧାରଣା ବିକ୍ଷୋଭ ପ୍ରଦର୍ଶନ କରି ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁସାରେ, ବଡ଼ଜିଉନା ପଂଚାୟତ ଅଧୀନରେ ଥିବା ଗ୍ରାମଗୁଡ଼ିକରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ପ୍ରସ୍ତୁତ ତଥା ବିକ୍ରି କରାଯାଉଛି । କିଛି ଅସାଧୁ ବ୍ୟକ୍ତି ଏହି କାରବାରରେ ସମ୍ପୃକ୍ତ ରହି ପଂଚାୟତରେ ଅଶାନ୍ତି ସୃଷ୍ଟି କରୁଛନ୍ତି, ଯାହା ଫଳରେ ଗାଁଗଣ୍ଡାରେ ଶାନ୍ତିଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ମହିଳା ଓ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଅକ୍ଟୋବର ୫ ତାରିଖ ଦିନ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ହେଁ କୌଣସି ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରି କହିଛନ୍ତି । ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ଶତାଧିକ ମହିଳା ଉପସ୍ଥିତ ହୋଇ ନିଜର ଦାବି ଜଣାଇଥିଲେ । ଗ୍ରାମରେ ଚାଲିଥିବା ଏହି ବେଆଇନ ନିଶା କାରବାର ଉପରେ ପ୍ରଶାସନ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ଅଂଚଳବାସୀ ଶାନ୍ତିପୂର୍ଣ୍ଣ ଭାବେ ରାଜରାସ୍ତା ଅବରୋଧ କରିବା ସହ ଧାରଣାରେ ବସିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବିପତ୍ରର ନକଲ ଅବକାରୀ ବିଭାଗ ଓ ଜୟପୁର ସଦର ଥାନା ଅଧିକାରୀଙ୍କ ନିକଟକୁ ମଧ୍ୟ ପ୍ରେରଣ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ବଡ଼ଜିଉନା ସରପଂଚ ତ୍ରିନାଥ ପୂଜାରୀଙ୍କ ସମେତ ଗ୍ରାମର ଅନେକ ଲୋକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ ।

# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଭେଟଘାଟ କାର୍ଯ୍ୟକ୍ରମ :

## ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇଲେ ଅମରେନ୍ଦ୍ର, ଦଳକୁ ମଜବୁତ କରି ଲୋକଙ୍କ ସେବା କରିବୁ : ସମରେନ୍ଦ୍ର

ବଲାଙ୍ଗିର,୨୫/୧୦(ନି/ପ୍ର): ଦେଶରେ ବର୍ତ୍ତମାନ ଏକ ପ୍ରଚଣ୍ଡ ପରିବର୍ତ୍ତନର ସ୍ୱର ଆସୁଛି । ଛାତ୍ର, ଯୁବକ ଏବେ ଜନବିରୋଧି ସରକାରଙ୍କ ବିରୁଦ୍ଧରେ ସ୍ୱର ତୀବ୍ର କରିଛନ୍ତି । କଂଗ୍ରେସ ଆଜି ପର୍ଯ୍ୟନ୍ତ ଏକ ପ୍ରତିକୂଳ ପରିସ୍ଥିତିରେ ଦେଶ, ରାଜ୍ୟ ଓ ଜିଲ୍ଲାରେ ଲୋକଙ୍କ ପାଇଁ କାମ କରିଆସିଛି । ବର୍ତ୍ତମାନ ଦେଶ ଯୁବଶକ୍ତି ସଚେତନ ହୋଇଯାଇଛନ୍ତି । ବେକାରୀ ସମସ୍ୟା, ପ୍ରଶ୍ନପତ୍ର ଲିକ୍ ହେଉ କିମ୍ବା ଭୋଟ ଚୋରୀ ହେଉ ଯୁବକମାନେ ବର୍ତ୍ତମାନର ସରକାରଙ୍କ ପ୍ରତି ବିମୁଖ ହେଲେଣି । କଂଗ୍ରେସ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି । ଏପରି ପରିବର୍ତ୍ତନର ହାୱାରେ ଅନେକ ଲୋକ କଂଗ୍ରେସ ସହିତ ଜଡ଼ିତ ହେବେ । ଆମମାନଙ୍କୁ ମଧ୍ୟ ଆହୁରି ପରିଶ୍ରମ କରି ନୂଆ ନୂଆ ଛାତ୍ର, ଯୁବକ, ମହିଳାମାନଙ୍କୁ ଦଳ ସହିତ ଜୋଡିବାକୁ ହେବ । ଦଳକୁ ମଜବୁତ କରିବାକୁ ହେବ । ପୂର୍ବରୁ ଆମେ ଆମ ଅଂଚଳର ଲୋକଙ୍କ ସେବା କରି ଆସୁଛୁ । ତେଣୁ ଆଗକୁ କଂଗ୍ରେସ ଦଳକୁ ମଜବୁତ କରି ଅଂଚଳ ଲୋକଙ୍କ ଆହୁରି ସେବା କରିବୁ ବୋଲି ଆଜି ସ୍ଥାନୀୟ ବଲାଙ୍ଗିର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ କଂଗ୍ରେସ ତରଫରୁ ଅନୁଷ୍ଠିତ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗଦେଇ ବଲାଙ୍ଗିର ବିଧାନସଭା ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ଏହି ଅବସରରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ରଙ୍କୁ ପ୍ରଦେଶ କଂଗ୍ରେସ କମିଟି ତରଫରୁ ସାଧାରଣ ସଂପାଦକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିବାରୁ ବଲାଙ୍ଗିର କଂଗ୍ରେସ ତରଫରୁ ଅନେକ କାର୍ଯ୍ୟକର୍ତ୍ତା, କଂଗ୍ରେସ କର୍ମୀ ଅମରେନ୍ଦ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପ୍ରତିଉତରରେ ଅମରେନ୍ଦ୍ର ମିଶ୍ର କହିଥିଲେ, ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ସେ ତାଙ୍କ ବାପା ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କ ବିଭିନ୍ନ ନିର୍ବାଚନ ମଣ୍ଡଳିରେ ନିର୍ବାଚନ ପରିଚାଳନା କରୁଥିଲେ । ତା' ସହ ଦଳର କର୍ମକର୍ତ୍ତା, ଶୁଭେଚ୍ଛୁ ଓ ସାଧାରଣ ଜନତାଙ୍କ ମଧ୍ୟ ଯେତେବେଳେ ଯାହା ଅସୁବିଧା ହେଲା ସେ ସବୁକୁ ତାଙ୍କ ବାପାଙ୍କ ପଦାଙ୍କ ଅନୁସରଣ କରି ସେବା ଯୋଗାଇ ଆସୁଥିଲେ । ବର୍ତ୍ତମାନ କଂଗ୍ରେସ ଦଳ ତାଙ୍କୁ ପ୍ରତ୍ୟକ୍ଷ ରାଜନୀତି କରିବା ପାଇଁ ସୁଯୋଗ ଦେଇଛି । ଏଥିପାଇଁ ସେ ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ବଲାଙ୍ଗିରର ସମସ୍ତ କଂଗ୍ରେସ ପାଖରେ କୃତଜ୍ଞତା ଜଣାଉଛନ୍ତି । ଆଗାମୀ ଦିନରେ କେବଳ ବଲାଙ୍ଗିର ନୁହେଁ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳିରେ ତୃଣମୂଳ ସ୍ତରରୁ ଦଳକୁ ମଜବୁତ କରିବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି । ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନ ପାଇଁ କର୍ମୀ, ନେତା ସମସ୍ତେ ସଜାଗ ରୁହନ୍ତୁ ବୋଲି କହିବା ସହ ବିଶେଷ କରି ଛାତ୍ର ଯୁବକ ଓ ମହିଳାମାନେ ନିଜ ଅଂଚଳରେ ଦଳୀୟ କାର୍ଯ୍ୟକ୍ରମ ଏବଂ ଲୋକଙ୍କ ସେବା ପାଇଁ ସଂଗଠିତ ହୋଇ ରହନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ଏହି ଅବସରରେ ଲୋଇସିଂହା କଲେଜ, ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ଛାତ୍ରନେତା ମାନଙ୍କୁ ଦଳ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ନଗର ସଭାପତି ବୁଲୁ ଦାନୀଙ୍କ ଆବାହକତ୍ୱରେ ଆୟୋଜନ ହୋଇଥିବା ଏହି ଭେଟଘାଟ କାର୍ଯ୍ୟକ୍ରମକୁ ରାଜ୍ୟ କିଶାନ କଂଗ୍ରେସ ସଂଯୋଜକ ସାନନ୍ଦ ମିଶ୍ର ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଂଚାସିନ ଥିବା ଓମ୍ ପ୍ରକାଶ କୁମ୍ଭାର, ଦେଓଗାଁ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ବିଡିସିସି ଅଧ୍ୟକ୍ଷ ସ୍ମାରକ ମିଶ୍ର, କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଅସୀତ ମିଶ୍ର, ଅଜୟ ବାଲି, ଅଜିତ ପାଲ, ଅଶୋକ ନନ୍ଦ, ଅଙ୍କିତ ସାହୁ, ରାଜ କିଶୋର ବାବୁ, ଆଦିବାସୀ ନେତା ମୟ ପ୍ରଧାନୀ, ରାମଜୀ ଚୌଧୁରି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହୃଦାନନ୍ଦ ଭୋଇ, ଟଙ୍କଧର ଗଡତ୍ୟା, ରାମ ପ୍ରସାଦ ମିଶ୍ର, ଅରବିନ୍ଦ ସାହୁ, ଜ୍ୟୋତିଷ ମୁଗ୍ରୀ, ପ୍ରମୁଖ ଉପସ୍ଥିତ ଥିଲେ ।

# ଶୈଳଶ୍ରୀ ପ୍ୟାଲେସରେ ପାରମ୍ପରିକ ଲାଖବିନ୍ଧା ଉତ୍ସବ ପାଳିତ

## ପାଟଣା ରାଜ୍ୟର ପ୍ରାଚୀନ ପରମ୍ପରାକୁ ଉଜ୍ଜୀବିତ ରଖିଛି ବଲାଙ୍ଗିର ରାଜ ପରିବାର



ବଲାଙ୍ଗିର,୨୫/୧୦(ନି/ପ୍ର): ବଲାଙ୍ଗିର ସହରସ୍ଥିତ ଶୈଳଶ୍ରୀ ପ୍ୟାଲେସ ପରିସରରେ ପବିତ୍ର ବିଜୟା ଦଶମୀ ଅବସରରେ ପାରମ୍ପରିକ ଲାଖବିନ୍ଧା ଉତ୍ସବ ଆୟୋଜିତ ହୋଇଯାଇଛି । ପାଟଣା ରାଜ୍ୟ ଅମଳରୁ ପ୍ରଚଳିତ ଏହି ପାରମ୍ପରିକ ଉତ୍ସବ ଆଜି ମଧ୍ୟ ବଲାଙ୍ଗିରର ଐତିହ୍ୟ, ସଂସ୍କୃତି ଓ ଧାର୍ମିକ ପରମ୍ପରାର ଏକ ଅନନ୍ୟ ପରିଚୟ ହୋଇ ରହିଛି । ଶୈଳଶ୍ରୀ ପ୍ୟାଲେସରେ ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀ, ମା' ଦଶମତୀ ଓ ପାଟଖଣ୍ଡା ଦେବୀଙ୍କୁ ରାଜପରିବାରର କୁଳଦେବୀ ଭାବେ ପୂଜାର୍ଚ୍ଚନା କରାଯାଇଥାଏ । ଦଶହରା ଅବସରରେ ରାଜପରିବାର ପକ୍ଷରୁ ବିଭିନ୍ନ ଶୁଭକାର୍ଯ୍ୟର ଶୁଭାରମ୍ଭ କରିବାର ପରମ୍ପରା ମଧ୍ୟ ରହିଛି । ପୂର୍ବରୁ ବଲାଙ୍ଗିର ସହରର ସୁଦପଡ଼ା ଓ ତୁଳସୀନଗର ଅଚଂଳରେ ଲାଖବିନ୍ଧା ଉତ୍ସବ ଆୟୋଜିତ ହେଉଥିଲା । ଶୈଳଶ୍ରୀ ପ୍ୟାଲେସରୁ ଛତ୍ର, ବୈରଗ ଓ ପାରମ୍ପରିକ ପଟୁଆର ସହିତ ପାଟଖଣ୍ଡାଙ୍କୁ ନିଆଯାଇ ଏହି ଉତ୍ସବ ପାଳନ କରାଯାଉଥିଲା । କାଳକ୍ରମେ ଏହି ପରମ୍ପରାରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ଶୈଳଶ୍ରୀ ପ୍ୟାଲେସରେ ଏହାକୁ ଜୀବନ୍ତ ରଖିବାର ପ୍ରୟାସ ଜାରି ରହିଛି । ଚଳିତ ବର୍ଷ ମଧ୍ୟ ପାଟଖଣ୍ଡାଙ୍କୁ ମନ୍ଦିରରୁ ବାହାର କରାଯାଇ ନୀଳକଣ୍ଠ ମହାଦେବ ମନ୍ଦିରକୁ ନିଆଯାଇଥିଲା । ସେଠାରେ ପୂଜାର୍ଚ୍ଚନା ପରେ ପାରମ୍ପରିକ ରୀତିନୀତି ଅନୁସାରେ ଲାଖବିନ୍ଧା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ରାଜପୁରୋହିତ ଶ୍ରୀ ସନ୍ତୋଷ କୁମାର ଦାଶ ନଡ଼ିଆକୁ ଭେଦ କରି ଲାଖବିନ୍ଧା ପରମ୍ପରା ସମ୍ପନ୍ନ କରିଥିଲେ । ଏହି ଉତ୍ସବ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ, ବରଂ ବଲାଙ୍ଗିରର ଗୌରବମୟ ଇତିହାସ, ରାଜକୀୟ ପରମ୍ପରା ଓ ଲୋକସଂସ୍କୃତିର ଏକ ଜୀବନ୍ତ ପ୍ରତୀକ । ଆଧୁନିକତାର ପ୍ରଭାବ ମଧ୍ୟରେ ଏପରି ପାରମ୍ପରିକ ଉତ୍ସବର ସଂରକ୍ଷଣ ଓ ପୁନରୁଦ୍ଧାର ଆଗାମୀ ପିଢ଼ିକୁ ନିଜ ଐତିହ୍ୟ ସହ ଯୋଡ଼ି ରଖିବାରେ ସହାୟକ ହେବ । ଏହି ଅବସରରେ ଦେବାଳୟ ଐତିହ୍ୟ ସୁରକ୍ଷା କମିଟିର ସଭାପତି ଶ୍ରୀ ଜୟକୃଷ୍ଣ ମିଶ୍ର, ସମ୍ପାଦକ ଶ୍ରୀ ପ୍ରଶାନ୍ତ ମହାକୁର, ରିଣ୍ଟୁ ସାହୁ, କୋଷାଧ୍ୟକ୍ଷ ଶ୍ରୀ ଭବାନୀ ଶଙ୍କର ଭୋଇ, ବିଶିଷ୍ଟ ଲେଖକ କବିରାଜ ଭୋଇ, ଜୟ କୁମାର ଆଚାର୍ଯ୍ୟଙ୍କ ସମେତ ଆଖପାଖ ଅଚଂଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି ପାରମ୍ପରିକ ଉତ୍ସବରେ ସାମିଲ ହୋଇଥିଲେ । ଲାଖବିନ୍ଧାର ଏହି ପରମ୍ପରା ବଲାଙ୍ଗିରର ଐତିହ୍ୟ ଓ ସାଂସ୍କୃତିକ ଅସ୍ମିତାର ଏକ ଅମୂଲ୍ୟ ସମ୍ପଦ । ଏହାର ସୁରକ୍ଷା ଓ ପ୍ରଚାରପ୍ରସାର ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ସୋମବାର ୨୬ ଅକ୍ଟୋବର ୨୦୨୬**

## ପବିତ୍ର କାର୍ତ୍ତିକ ମାସର ମାହାତ୍ମ୍ୟ



ଓଡ଼ିଶାର ସନାତନ ସଂସ୍କୃତି, ପରମ୍ପରା ଏବଂ ପବିତ୍ର ଧାର୍ମିକ ଇତିହାସରେ କାର୍ତ୍ତିକ ମାସ ହେଉଛି ସମସ୍ତ ମାସମାନଙ୍କ ଭିତରେ ସର୍ବଶ୍ରେଷ୍ଠ, ଅତି ପବିତ୍ର ଏବଂ ମହାତ୍ମ୍ୟପୂର୍ଣ୍ଣ ମାସ, ଯାହାକୁ ହିନ୍ଦୁ ଧର୍ମାବଲମ୍ବୀମାନେ ଅତ୍ୟନ୍ତ ଭକ୍ତି, ଶ୍ରଦ୍ଧା, ନିଷ୍ଠା ଓ ଆଧ୍ୟାତ୍ମିକ ଆବେଗର ସହ ପାଳନ କରିଆସୁଛନ୍ତି । ଶାସ୍ତ୍ର ଓ ପୁରାଣର ବର୍ଣ୍ଣନା ଅନୁଯାୟୀ, କାର୍ତ୍ତିକ ମାସ ହେଉଛି ଭଗବାନ ଶ୍ରୀବିଷ୍ଣୁ, ଶ୍ରୀକୃଷ୍ଣ, ପ୍ରଭୁ ଜଗନ୍ନାଥ ଏବଂ ଦେବଦେବ ମହାଦେବ ଶିବଙ୍କର ଅତିପ୍ରିୟ ମାସ, ଯେଉଁଥିପାଇଁ ଏହି ସମଗ୍ର ମାସବ୍ୟାପୀ ବ୍ରତ, ପୂଜା, ଅର୍ଚ୍ଚନା ଏବଂ ସାତ୍ତ୍ୱିକ ଜୀବନଯାତ୍ରା ପ୍ରତ୍ୟେକ ସଚେତନ ଧର୍ମପ୍ରାଣ ବ୍ୟକ୍ତି ପାଇଁ ପରମ କର୍ତ୍ତବ୍ୟ ହୋଇପଡେ । ହିନ୍ଦୁ କ୍ୟାଲେଣ୍ଡର ବା ଚାନ୍ଦ୍ରମାସ ଗଣନା ଅନୁଯାୟୀ ଅଶ୍ୱିନୀ ପୂର୍ଣ୍ଣିମା ଠରୁ ଆରମ୍ଭ କରି କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ବ୍ୟାପ୍ତ ଏହି ପବିତ୍ର ମାସରେ ପ୍ରାତଃସ୍ମରଣୀୟ ହୋଇ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କରିବା, ପବିତ୍ର ନଦୀ, ପୁଷ୍କରିଣୀ କିମ୍ବା ତୀର୍ଥକ୍ଷେତ୍ରରେ ବୁଡ ପକାଇବା ଏବଂ ଭଗବାନଙ୍କ ଆରାଧନା କରିବା ଦ୍ୱାରା ମନ ଓ ଶରୀର ପବିତ୍ର ହୋଇଥାଏ ବୋଲି ବିଶ୍ୱାସ କରାଯାଏ । ଓଡ଼ିଶାରେ କାର୍ତ୍ତିକ ମାସର ମହତ୍ତ୍ୱ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଏବଂ ଅନନ୍ୟ ଅଟେ, କାରଣ ଏହି ମାସରେ ରାଜ୍ୟର ପ୍ରତ୍ୟେକ ଗ୍ରାମ ଓ ସହରର ମନ୍ଦିରଗୁଡିକରେ ହବିଷ୍ୟାନ୍ନ ବ୍ରତଧାରୀ ମାଆ, ଭଉଣୀ ଓ ବୃଦ୍ଧାମାନେ କଠିନ ନିୟମ ପାଳନ କରି ସିଝା ଖାଦ୍ୟ ଗ୍ରହଣ କରିଥାନ୍ତି ଏବଂ ତୁଳସୀ ଚଉରା ମୂଳେ ଦୀପ ଦାନ କରି ସନ୍ଧ୍ୟା ସମୟରେ ହରିନାମ ସଙ୍କିର୍ତନରେ ମଜ୍ଜି ରହିଥାନ୍ତି । କାର୍ତ୍ତିକ ମାସର ପ୍ରତିଦିନର ସକାଳ ଏବଂ ସନ୍ଧ୍ୟା ଏକ ଅଲୌକିକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ, ଯେଉଁଠାରେ ଘରେ ଘରେ ତୁଳସୀ ପୂଜା, ଆକାଶ ଦୀପ ପ୍ରଜ୍ୱଳନ ଏବଂ ପ୍ରଭୁ ଦାମୋଦରଙ୍କ ପୂଜାର୍ଚ୍ଚନା ଦ୍ୱାରା ବାୟୁମଣ୍ଡଳ ପବିତ୍ର ଓ ସୁଗନ୍ଧିତ ହୋଇଉଠେ । ପୁରାଣରେ ବର୍ଣ୍ଣନା କରାଯାଇଛି ଯେ ଯେଉଁ ବ୍ୟକ୍ତି କାର୍ତ୍ତିକ ମାସରେ ନିୟମିତ ଭାବେ ବ୍ରତ ରଖେ ଏବଂ ଅରୁଆ ଚାଉଳ, ମୁଗ ଡାଲି, ସୈନ୍ଧବ ଲବଣ ଏବଂ କିଛି ନିର୍ଦ୍ଦିଷ୍ଟ ପନିପରିବା ନେଇ ପ୍ରସ୍ତୁତ ସାତ୍ତ୍ୱିକ ହବିଷ୍ୟାନ୍ନ ଭୋଜନ ଗ୍ରହଣ କରେ, ତାହାର ସମସ୍ତ ପାପ କ୍ଷୟ ହୋଇଥାଏ ଏବଂ ମୃତ୍ୟୁ ପରେ ପରମ ଗତି ପ୍ରାପ୍ତି ହୋଇଥାଏ । ଏହି ମାସରେ ଆମିଷ ଭକ୍ଷଣ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଥାଏ ଯାହାକି କେବଳ ଏକ ଧାର୍ମିକ ବିଶ୍ୱାସ ନୁହେଁ ବରଂ ଶାରୀରିକ ଶୁଦ୍ଧତା, ମାନସିକ ଶାନ୍ତି ଏବଂ ପାଚନକ୍ରିୟାକୁ ସୁସ୍ଥ ରଖିବା ପାଇଁ ଏକ ବୈଜ୍ଞାନିକ ଓ ପ୍ରାକୃତିକ ଦୃଷ୍ଟିକୋଣ ମଧ୍ୟ ଅଟେ । କାର୍ତ୍ତିକ ମାସର ଶେଷ ପାଂଚ ଦିନ ଯାହାକୁ ପଂଚୁକ ବା ଭୀଷ୍ମ ପଂଚୁକ ବୋଲି କୁହାଯାଏ, ତାହାର ମହତ୍ତ୍ୱ ସବୁଠାରୁ ଅଧିକ ଏବଂ ଏହି ପାଂଚ ଦିନ ଧରି ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀ ଶ୍ରୀକ୍ଷେତ୍ରକୁ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ ଦର୍ଶନ କରିବା ସହ ଉପବାସ ରହି ନିଜକୁ ଧନ୍ୟ ମନେ କରନ୍ତି । ପୁରୀର ବଡଦାଣ୍ଡ ଏବଂ ଶ୍ରୀ ମନ୍ଦିର ପରିସର କାର୍ତ୍ତିକ ମାସରେ, ବିଶେଷ କରି ପଂଚୁକ ସମୟରେ, ଭକ୍ତିମାନଙ୍କର ଗହଳି ଏବଂ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିବା ଦୃଶ୍ୟ ସନାତନ ସଂସ୍କୃତିର ଏକ ଜୀବନ୍ତ ଓ ଭବ୍ୟ ପ୍ରତିଫଳନ ଅଟେ । କାର୍ତ୍ତିକ ପୂର୍ଣ୍ଣିମା ଦିନ ଓଡ଼ିଶାରେ ପାଳିତ ହେଉଥିବା ପ୍ରସିଦ୍ଧ ବନ୍ଦାପନା ଓ ବୋଇତ ବନ୍ଦାଣ ଉତ୍ସବ ଆମର ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟ, ଗୌରବମୟ ଇତିହାସ ଏବଂ ସାହସିକତାର ସ୍ମୃତିକୁ ଜାଗ୍ରତ କରିଥାଏ, ଯେଉଁଥିରେ ଲୋକମାନେ ସକାଳୁ ଉଠି ନଦୀ କିମ୍ବା ପୋଖରୀରେ କାଗଜ, କଳାକାଠ କିମ୍ବା ମୂଷାକଦଳୀ ଡଙ୍ଗାରେ ଦୀପ, ପାନ, ଗୁଆ ଓ ଫୁଲ ଭସାଇ ନିଜର ପୂର୍ବପୁରୁଷମାନଙ୍କ ସ୍ମୃତିକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରନ୍ତି । ଏହି ଐତିହାସିକ ପରମ୍ପରା ଆମକୁ ମନେ ପକାଇଦିଏ ଯେ ପ୍ରାଚୀନ କାଳରେ ଓଡ଼ିଶାର ସାଧବ ପୁଅମାନେ ସମୁଦ୍ର ପାର ହୋଇ ବାଲିବୀ, ଜାଭା, ସୁମାତ୍ରା ଓ ବର୍ଣ୍ଣିଓ ଭଳି ଦୂରଦୂରାନ୍ତ ଦ୍ୱିପାଂଚଳକୁ ବାଣିଜ୍ୟ କରିବା ପାଇଁ ଯାଉଥିଲେ ଏବଂ ଓଡ଼ିଶାର କୀର୍ତି ଓ ସୌରଭକୁ ବିଶ୍ୱ ଦରବାରରେ ପ୍ରସାରିତ କରିଥିଲେ । କାର୍ତ୍ତିକ ମାସରେ ଆକାଶରେ ତାରାମଣ୍ଡଳ ଏବଂ ତୁଳସୀ ଚଉରା ପାଖରେ ଜଳୁଥିବା ଆକାଶ ଦୀପର ପ୍ରକାଶ ପ୍ରତ୍ୟେକ ମଣିଷର ଅନ୍ତରର ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ପ୍ରଦାନ କରିଥାଏ ବୋଲି ବିଶ୍ୱାସ କରାଯାଏ, ଯାହାକି ଆମର ପାରମ୍ପରିକ ଜୀବନଚର୍ଯ୍ୟା ଓ ଆଧ୍ୟାତ୍ମିକ ଚିନ୍ତାନାୟକମାନଙ୍କର ଏକ ମହାନ ଅବଦାନ । ଆଜିର ଯାନ୍ତ୍ରିକ ଯୁଗରେ ଯେତେବେଳେ ମଣିଷ ନିଜର ମୂଳ ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବାକୁ ବସିଛି, ସେତେବେଳେ କାର୍ତ୍ତିକ ମାସର ଏହି ପବିତ୍ର ବ୍ରତ ଓ ନୀତିକାନ୍ତି ଆମକୁ ପୁଣିଥାଏ ନିଜର ମାଟି, ମାଆ ଏବଂ ସନାତନ ଧର୍ମର ଗଭୀର ମୂଲ୍ୟବୋଧ ସହ ଯୋଡି ହୋଇରହିବା ପାଇଁ ପ୍ରେରଣା ଯୋଗାଇଥାଏ । ତେଣୁ ପ୍ରତ୍ୟେକ ଓଡ଼ିଆ ତଥା ହିନ୍ଦୁ ଧର୍ମପ୍ରାଣ ବ୍ୟକ୍ତିଙ୍କ ପାଇଁ କାର୍ତ୍ତିକ ମାସ କେବଳ ଏକ ପର୍ବ ପର୍ବାଣୀ ନୁହେଁ, ବରଂ ଏହା ଆତ୍ମଶୁଦ୍ଧି, ପରିବେଶ ପ୍ରେମ, ସାମାଜିକ ଶୃଙ୍ଖଳା ଏବଂ ଈଶ୍ୱର ବିଶ୍ୱାସୀ ଏକ ମହାନ ସଂଗମ ଅଟେ, ଯାହାକୁ ଆମେ ସର୍ବଦା ରକ୍ଷା କରିବା ଏବଂ ଆଗାମୀ ପିଢି ପାଇଁ ଏହାର ମହତ୍ତ୍ୱକୁ ଜୀବନ୍ତ ରଖିବା ଆଜିର ସମୟରେ ସବୁଠାରୁ ବଡ ଦାୟିତ୍ୱ । ଓଡ଼ିଶାର ପ୍ରତ୍ୟେକ ଗ୍ରାମାଂଚଳରେ ଏହି ମାସରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ମନ୍ଦିରମାନଙ୍କରେ ଭାବଗତ ପାଠ, ପୁରାଣ ଆବୃତି ଏବଂ ହରିକଥା କୀର୍ତନର ଆୟୋଜନ କରାଯାଇଥାଏ, ଯାହାକି ଗ୍ରାମର ସମସ୍ତ ଜନସାଧାରଣଙ୍କୁ ଏକାଠି କରି ଭ୍ରାତୃଭାବ ଓ ସାମାଜିକ ଏକତାକୁ ଦୃଢୀଭୂତ କରିଥାଏ । କାର୍ତ୍ତିକ ମାସର ପ୍ରତିଟି ଦିନର ବିଶେଷ ମାହାତ୍ମ୍ୟ ରହିଛି ଏବଂ ଏହି ମାସରେ ବିଶେଷ କରି କାର୍ତ୍ତିକ ପୂର୍ଣ୍ଣିମା ଦିନ ସୂର୍ଯ୍ୟୋଦୟ ପୂର୍ବରୁ ସମୁଦ୍ର କିମ୍ବା ନଦୀରେ ସ୍ନାନ କରିବା ପାଇଁ ଓଡ଼ିଶାର କୋଣସୁକୋଣରୁ ଲକ୍ଷାଧିକ ଲୋକ ଉପକୂଳବର୍ତୀ ଅଂଚଳ ଏବଂ ପବିତ୍ର ନଦୀଘାଟମାନଙ୍କରେ ସମବେତ ହୋଇଥାନ୍ତି । ଏହି ପବିତ୍ର ମାସରେ ରାଧାଦାମୋଦର ପୂଜା ଏବଂ ତୁଳସୀ ବିବାହର ମଧ୍ୟ ଏକ ବିଶେଷ ସ୍ଥାନ ରହିଛି, ଯାହାକି କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ଅତ୍ୟନ୍ତ ଆଡମ୍ବର ଓ ଭକ୍ତିର ସହ ପାଳିତ ହୋଇଥାଏ ।

# ବ୍ରିକ୍ସର ସଫଳତାରେ ଚିନ୍ତିତ ପଶ୍ଚିମବିଶ୍ୱ

ବ୍ରିକ୍ସ ଯେତେବେଳେ ଆରମ୍ଭ ହୋଇଥିଲା ସେହି ସମୟରେ ଜି୭ ପରି ବଡ ରାଷ୍ଟ୍ର ଗୋଷ୍ଠି ନାଟୋ ପରି ଗୋଷ୍ଠି ଏହି ଛୋଟ ସମୂହକୁ ଢେର ସମାଲୋଚନା କରିଥିଲେ । ଏହାକୁ ଦୁର୍ବଳ ରାଷ୍ଟ୍ରଗୁଡିକର କ୍ଲବ କହି ଉପହାସ କରିଥିଲେ । କିନ୍ତୁ ଏବେ ବ୍ରିକ୍ସ ବିଶ୍ୱର ସବୁଠୁ ଅଧିକ ସଶକ୍ତ, ସକ୍ରିୟ ଏବଂ ପ୍ରଭାବଶାଳୀ ଗୋଷ୍ଠି ଭାବେ ସମ୍ମୁଖକୁ ଆସିଛି । ନିକଟରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହାର ସଫଳ ବୈଠକ ତାର ପ୍ରମାଣ । କାରଣ ପୂର୍ବ ବୈଠକ କାଜାନଠାରେ ହୋଇଥିଲା ବେଳେ ରାଷ୍ଟ୍ରଗୁଡିକର ମତପାର୍ଥକ୍ୟ ଯୋଗୁ ମିଳିତ ଘୋଷଣାନାମା ପ୍ରକାଶ ପାଇପାରି ନଥିଲା, ଯାହା ନୂଆଦିଲ୍ଲୀଠାରେ ହୋଇଛି । ଏଠାରେ ଆଉ ଏକ ସଫଳତାର ବିଷୟ ହେଲା ଯୁଦ୍ଧର ଘନଘଟା ମଧ୍ୟରେ ଇରାନ-ସଂଯୁକ୍ତ ଆରବ ଅମିରାତ ପରି ଦୁଇ ଶତ୍ରୁରାଷ୍ଟ୍ରର ମୁହାଁମୁହିଁ ଆଲୋଚନା । ଭାରତ-ଚୀନ ପରି ଦୁଇ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟଙ୍କ ଉପସ୍ଥିତି । ପଶ୍ଚିମବିଶ୍ୱର ବହୁରାଷ୍ଟ୍ରଙ୍କ ବିରୋଧ ଓ କଟକଣାକୁ ସାମ୍ନା କରିଆସିଥିବା ରୁଷିଆର ରାଷ୍ଟ୍ରପତିଙ୍କ ଏଠାରେ ଉପସ୍ଥିତି ଏବଂ ପୁଟିନଙ୍କ ଜବରଦସ୍ତ ସ୍ୱାଗତ । ଇରାନର ରାଷ୍ଟ୍ରପତି ପେଜେସ୍କିୟାନଙ୍କ ହାତଧରି ମୋଦି ସ୍ୱାଗତ କରି ନେବା, ଦକ୍ଷିଣବିଶ୍ୱର ନେତାମାନଙ୍କୁ ଆଲୋଚନାରେ ସ୍ଥାନ ଓ ସମ୍ମାନ ଦେବା, ପଶ୍ଚିମବିଶ୍ୱର ଆର୍ଥିକ କଟକଣା ମଧ୍ୟରେ ବାଣିଜ୍ୟ ଏବଂ ଯୋଗାଣକୁ ଜାରି ରଖିବା ପାଇଁ ବିକଳ୍ପ ମାର୍ଗର ସନ୍ଧାନ କରିବା, ସମୁଦ୍ରପଥକୁ ବାଣିଜ୍ୟ ନିମନ୍ତେ ଉନ୍ମୁକ୍ତ ରଖିବା, ମୂଲ୍ୟବାନ ଖଣିଜ ସଂପଦର ଯୋଗାଣ ଉପରେ ଜୋରଦେବା ଆଦି ବିଷୟ ଉଲ୍ଲେଖନୀୟ ଥିଲା । ସେପ୍ଟେମ୍ବର ୧୨ ଓ ୧୩ ୨୦୨୬ରେ ନୂଆଦିଲ୍ଲୀର ଭାରତ ମଣ୍ଡପ ଠାରେ ବ୍ରିକ୍ସର ୧୮ଶ ଶିଖର ବୈଠକ ଅନୁଷ୍ଠିତ ହୋଇଥିଲା । "ନମନୀୟତା, ନବସର୍ଜନ, ସହଯୋଗ ଏବଂ ନିରନ୍ତରତା" ସଂପର୍କରେ ହୋଇଥିବା ବିଶେଷ ଆଲୋଚନାରେ ଅନେକଗୁଡିଏ ରାଷ୍ଟ୍ରର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ । ୧୨ ସେପ୍ଟେମ୍ବର ୨୦୨୬ଦିନ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ଏଥିରେ ବହୁପାକ୍ଷିକ ସ୍ୱାର୍ଥ, ବିଶ୍ୱଶାନ୍ତି, ବିଶ୍ୱର ସମୃଦ୍ଧି ବିଷୟରେ ଅନେକ ଭଲ ବିଚ୍ଚର ସମସ୍ତଙ୍କ ସମ୍ମୁଖକୁ ଆସିଥିଲା । ଦୁଇ ଦଶନ୍ଧିର ଉଦ୍ୟମ ପରେ ନୂଆଦିଲ୍ଲୀଠାରେ ସବୁରାଷ୍ଟ୍ର ନିଜ ନିଜର କ୍ଷୁଦ୍ରସ୍ୱାର୍ଥକୁ ଭୁଲି ବିଶ୍ୱର ବୃହନ୍ନର ସ୍ୱାର୍ଥ ନିମନ୍ତେ କାର୍ଯ୍ୟ କରିବାକୁ ଯେପରି ସଂକଳ୍ପବଦ୍ଧ ହେଲେ ତାହା ସବୁଠୁ ବଡକଥା । ଏକଦା ବ୍ରାଜିଲ, ରୁଷିଆ, ଭାରତ, ଚୀନ ଏବଂ ଦକ୍ଷିଣ ଆଫ୍ରିକାକୁ କେନ୍ଦ୍ରକରି ଏହି ଗୋଷ୍ଠି ଆରମ୍ଭ ହୋଇଥିଲେ ହେଁ ପରବର୍ତୀ ସମୟରେ ଏହା ୧୧ସଦସ୍ୟରାଷ୍ଟ୍ର ଏବଂ ୧୦ ସହଯୋଗୀ ରାଷ୍ଟ୍ରଙ୍କୁ ନିଜ ସହ ସାମିଲ କରିଛି । ୧୧ ପୂର୍ଣ୍ଣ ସଦସ୍ୟ ହେଲେ ବ୍ରାଜିଲ, ରୁଷିଆ, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା, ଇଜିପଟ, ଇଥିଓପିଆ, ଇଣ୍ଡୋନେସିଆ, ୟୁଏଇ, ସାଉଦି ଆରବ ଏବଂ ଇରାନ । ସହଯୋଗୀ ରାଷ୍ଟ୍ରଗୁଡିକ ହେଲେ ବେଲାରୁଷ, ବଲିଭିଆ, କ୍ୟୁବା, କାଜାଖସ୍ଥାନ, ମାଲେସିଆ, ନାଇଜେରିଆ,ଥାଇଲାଣ୍ଡ, ଉଗାଣ୍ଡା, ଉଜବେକିସ୍ଥାନ ଏବଂ ଭିଏତନାମ । ବ୍ରିକ୍ସ -୨୦୨୬ର ବିଷୟ ଅନୁଯାୟୀ ନବସର୍ଜନକୁ ଅଧିକ ଜୋର ଦିଆଯାଇଥିଲା । ସଦସ୍ୟରାଷ୍ଟ୍ରଗୁଡିକ ଡିଜିଟାଲ ଡାଟାଂ ନିର୍ମାଣ, ଟେକ୍ନୋଲୋଜୀ କ୍ଷେତ୍ରରେ ନବାଚ୍ଚର, ଆର୍ଥିକ କ୍ଷେତ୍ରରେ ଟେକ୍ନୋଲୋଜୀର ବ୍ୟବହାର, କୃତ୍ରିମ ବୁଦ୍ଧିମନ୍ତାକୁ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଥିଲା । ସେମିତି ସମୃଦ୍ଧି ପାଇଁ ଆର୍ଥିକ ଶକ୍ତିବୃଦ୍ଧି, ବୈଶ୍ୱିକ ଅନିଶ୍ଚିତତାର ସମ୍ମୁଖୀନ ହେବାପାଇଁ ଆନୁଷ୍ଠାନିକ ବ୍ୟବସ୍ଥାର ନିର୍ମାଣ, ଯୋଗାଣରେ ବ୍ୟାଘାତ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆହ୍ୱାନ ଏବଂ ପାଣିପାଗ ପରିବର୍ତନଜନିତ ସଂକଟର ସମ୍ମୁଖୀନ ହେବାକୁ ସଦସ୍ୟ ରାଷ୍ଟ୍ର ପ୍ରସ୍ତୁତ ରହିବାକୁ କୁହାଯାଇଥିଲା । ସହଯୋଗ ଦୃଷ୍ଟିରୁ ସଦସ୍ୟ ରାଷ୍ଟ୍ରଗୁଡିକୁ ନୀତି ପ୍ରସ୍ତୁତି କ୍ଷେତ୍ରରେ ସହଯୋଗ, ବିକାଶ ପାଇଁ ଅର୍ଥ ଯୋଗାଣ, ବାଣିଜ୍ୟ ସୁବିଧା, ପ୍ରଶାସନିକ କ୍ଷେତ୍ରରେ ଆନୁଷ୍ଠାନିକ ସଂସ୍କାର, ଲୋକ କୈନ୍ଦ୍ରିକ ସହଯୋଗ ବୃଦ୍ଧିପାଇଁ କୁହାଯାଇଥିଲା । ନିରନ୍ତର ବିକାଶ ପାଇଁ ଜଳବାୟୁ ପରିବର୍ତନ, ସବୁଜ ଅର୍ଥନୀତି,ଶକ୍ତିଗତ ଅସ୍ଥିରତାର ସମ୍ମୁଖୀନ ହେବାପାଇଁ ମିଳିତ ପ୍ରୟାସ ଉପରେ ଜୋର ଦିଆଯାଇଥିଲା । ଚଳିତବର୍ଷ ପ୍ରତୀକ ଚିହ୍ନ ସ୍ୱରୂପ ପ୍ରସ୍ଫୁଟିତ ପଦ୍ମଫୁଲକୁ ନିଆଯାଇଥିଲା, ଯାହା ପାଂଚଟି ପାଖୁଡା ଦର୍ଶାଉଥିଲା । ଏହି ପାଂଚଟି ପାଖୁଡା ବ୍ରିକ୍ସର ପ୍ରତିଷ୍ଠାତା ପାଂଚଟି ସଦସ୍ୟରାଷ୍ଟ୍ରକୁ ବୁଝାଇଥାଏ । ପାଖୁଡାର ରଙ୍ଗ ଭିନ୍ନ ଭିନ୍ନ ହୋଇଥିଲେ ହେଁ ତାହା ସଦସ୍ୟ ରାଷ୍ଟ୍ରଗୁଡିକର ମିଳିତ ଶକ୍ତି ଓ ଏକତାକୁ ଦର୍ଶାଇଥାଏ । ବ୍ରିକ୍ସର ପରିଚୟ ମୂଳରେ ତିନୋଟି ମୁଖ୍ୟ ଆଧାର ରହିଛି ତାହା ହେଲା ରାଜନୈତିକ ଓ ସୁରକ୍ଷାଗତ ସହଯୋଗ, ଅର୍ଥ ଓ ଅର୍ଥନୀତିରେ ସହଯୋଗ, ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସଂପର୍କ ଓ ସହଯୋଗ ବୃଦ୍ଧି । ସମନ୍ୱୟ, ମିଳିତ ବିକାଶ, ଆଲୋଚନା ହିଁ ପ୍ରକୃତ ବିକାଶର ସ୍ତମ୍ଭ ବୋଲି ଦର୍ଶାଯାଇଛି । ତେଣୁ ବ୍ରିକ୍ସ ୨୦୨୬ର ପ୍ରତୀକ ଭାରତୀୟ ସଂସ୍କୃତି, ଆଧାରିତ । ବ୍ରିକ୍ସର ଆଲୋଚନା ମଧ୍ୟରେ ସ୍ଥାନୀୟ ମୁଦ୍ରାରେ ସଦସ୍ୟ ରାଷ୍ଟ୍ରଗୁଡିକ ନିଜ ନିଜର ବାଣିଜ୍ୟିକ କାର୍ଯ୍ୟ କରିପାରିବେ ବୋଲି ସ୍ଥିର ହୋଇଥିଲା । ପୂର୍ବରୁ ଡଲାର ବିନିମୟରେ ଯେଉଁ ବ୍ୟବସାୟ ହେଉଥିଲା ଏବେ ତାହା ନକରି ସେମାନେ ନିଜ ନିଜର ଇଲେକଟ୍ରୋନିକ ଦେଣନେଣ ବ୍ୟବସ୍ଥା ମାଧ୍ୟମରେ ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରକୁ ଉଚିତ ବିନିମୟ ମୁଦ୍ରା ଦେଇ ବାଣିଜ୍ୟ କରିପାରିବେ । ଏହା ହେଲେ ଡଲାର ଉପରୁ ନିର୍ଭରଶୀଳତା ହ୍ରାସ ପାଇବ । ସେଥିପାଇଁ ଏକ ବ୍ୟବସ୍ଥା ନିର୍ମାଣ ଉପରେ ସମସ୍ତେ ଜୋର ଦେଇଥିଲେ । ଏଥିମଧ୍ୟରୁ କେତେକ ଦେଶରେ ଭାରତର ୟୁପିଆଇ ପରି ସ୍ଥାନୀୟ ଦେଣ-ନେଣ ବ୍ୟବସ୍ଥା ରହିଛି । ସେଗୁଡିକୁ ପରସ୍ପର ମଧ୍ୟରେ ଯୋଡି ଦେଲେ ସୁବିଧା ହେବ ବୋଲି ମତପ୍ରକାଶ ପାଇଥିଲା । ବିଶ୍ୱର ୪୯.୫ ପ୍ରତିଶତ ଜନତା ବ୍ରିକ୍ସ ସଦସ୍ୟଙ୍କ ରାଷ୍ଟ୍ରରେ ଥିଲାବେଳେ ବିଶ୍ୱର ୨୬ପ୍ରତିଶତ ବାଣିଜ୍ୟ ଏହିସବୁ ଦେଶମାନଙ୍କ ହାତରେ ରହିଛି । ସଦସ୍ୟ ରାଷ୍ଟ୍ରଗୁଡିକର ମୋଟ ଜିଡିପି ବିଶ୍ୱର ମୋଟ ଜିଡିପିର ୪୦ ପ୍ରତିଶତ । ଏଠାରେ ଉଲ୍ଲେଖନୀୟ ହେଲା ଯେ ୨୦୦୬ରେ ଜାତିସଂଘ ସାଧାରଣ ପରିଷଦର ବୈଠକ ଚ୍ଚଳିଥିବା ବେଳେ ବ୍ରିକ୍ସର ବିଦେଶମନ୍ତ୍ରୀମାନଙ୍କର ପ୍ରଥମ ବୈଠକ ନିଉୟର୍କଠାରେ ଅନୁଷ୍ଠିତ ହୋଇଥିଲା । କିନ୍ତୁ ବିଧିବଦ୍ଧ ଭାବେ ଏହାର ଉଦ୍‌ଘାଟନୀ ସମାରୋହ ୨୦୦୯ରେ ରୁଷିଆର ୟାକଟେରିନବର୍ଗଠାରେ ହୋଇଥିଲା । ୨୦୦୯ରେ ବ୍ରିକ ଭାବେ ବ୍ରାଜିଲ, ରୁଷିଆ, ଭାରତ ଏବଂ ଚୀନ ଏହି ଚ୍ଚରିଗୋଟି ଦେଶ ପ୍ରତିଷ୍ଠାତା ସଦସ୍ୟରାଷ୍ଟ୍ର ଭାବେ ସଂଗଠନକୁ ଆରମ୍ଭ କରିଥିଲେ । ଦ୍ୱିତୀୟ ବୈଠକ ୨୦୧୦ରେ ନିଉୟର୍କଠାରେ ବିଦେଶମନ୍ତ୍ରୀମାନଙ୍କର ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ସଂଗଠନରେ ସାମିଲ ହେବ ବୋଲି କୁହାଯାଉଥିଲେ ମଧ୍ୟ ୨୦୧୧ରେ ସାନୟାଠାରେ ଅନୁଷ୍ଠିତ ତୃତୀୟ ବ୍ରିକ୍ସ ବୈଠକରେ ଦକ୍ଷିଣ ଆଫ୍ରିକା ଯୋଗ ଦେବା ସୌମେନ୍ଦ୍ର ଜେନା ପରେ ଏହାର ନାମ ବ୍ରିକ୍ସ ହୋଇଥିଲା । ଜାନୁଆରୀ ୨୦୨୪ରୁ ପୂର୍ଣ୍ଣ ସଦସ୍ୟ ଭାବେ ଇଜିପଟ, ଇଥିଓପିଆ, ଇରାନ, ସାଉଦି ଆରବ ଏବଂ ୟୁଏଇକୁ ଗ୍ରହଣ କରାଯାଇଥିଲା । ୨୦୨୫ରେ ବେଲାରୁଷ, ବଲିଭିଆ, କ୍ୟୁବା, କାଜାଖସ୍ଥାନ, ମାଲେସିଆ, ନାଇଜେରିଆ, ଥାଇଲାଣ୍ଡ, ଉଗାଣ୍ଡା, ଉଜ୍‌ବେକିସ୍ଥାନ ଏବଂ ଭିଏତନାମ ଅଂଶୀଦାର ସଦସ୍ୟ ରାଷ୍ଟ୍ର ଭାବେ ଯୋଗ ଦେଇଥିଲେ । । ବ୍ରିକ୍ସର ଘୋଷଣାନାମାରେ ବିଶ୍ୱବାଣିଜ୍ୟ ସଂଗଠନରେ ପ୍ରତିନିଧିତ୍ୱ ବୃଦ୍ଧି, ବାଣିଜ୍ୟରେ ପ୍ରତିବନ୍ଧକ ଦୂରୀକରଣ ଏବଂ କ୍ରମବର୍ଦ୍ଧିଷ୍ଣୁ ବଜାର, ବିକାଶଶୀଳ ଅର୍ଥନୀତିକୁ ଜୋର ଦେବାପାଇଁ କୁହାଯାଇଛି । ଆର୍ଥିକ କଟକଣା ଲଗାଯିବା ଅଭ୍ୟାସକୁ ବିରୋଧ କରାଯିବାକୁ କୁହାଯାଇଛି । ଏହି ଘୋଷଣାନାମାରେ ସୁରକ୍ଷା ପାଇଁ ପାରସ୍ପରିକ ସହଯୋଗ ଏବଂ ଅସ୍ତ୍ରଯୋଗାଣ ବୃଦ୍ଧି ନୀତି ଯୋଗୁ ଆଗାମୀ ଦିନରେ ଆମେରିକା ଏବଂ ପଶ୍ଚିମବିଶ୍ୱର ବିକଶିତ ରାଷ୍ଟ୍ରଗୁଡିକର ଅର୍ଥନୀତି ପ୍ରଭାବିତ ହେବ ଏଥିରେ ସନ୍ଦେହ ନାହିଁ । ନାଟୋ ମେ[ ଏବଂ ରୁଷିଆ ମଧ୍ୟରେ ଯୋଗାଣଗତ ଦୂରତା ଯେତେ ବଢିବ ଆଗାମୀ ଦିନମାନଙ୍କର ସେତେ ଅସ୍ଥିରତା ସୃଷ୍ଟି ହେବ । ଦୁଇ ବୃହତଶକ୍ତି ଚୀନ ଓ ଭାରତ ଏବେ ରୁଷିଆ ସହ ରହିବା ଯୋଗୁ ଆମେରିକାର ଅର୍ଥନୀତି ଅସୁବିଧାର ସମ୍ମୁଖୀନ ହେବା ନିଶ୍ଚିତ । ତେଣୁ ଟ୍ରମ୍ପ ଟାରିଫ ଭୟ ଦେଖାଉଛନ୍ତି । ଏଣେ ଇରାନକୁ ବ୍ରିକ୍ସର ସମର୍ଥନ ମିଳିବା ଯୋଗୁ ସେ ଆମେରିକାର ସହଯୋଗୀ ଆରବ ରାଷ୍ଟ୍ରଗୁଡିକରେ ଅଧିକ କ୍ଷତି ଘଟାଇବ । ଅସ୍ତ୍ରଭଣ୍ଡାର ବଢାଇବା ଏବଂ ପ୍ରକୃତ ଯୁଦ୍ଧଭୂମିରେ ତା'ର ପ୍ରୟୋଗ ଯୋଗୁ ସଫଳତା ଲାଭ କରିବା ଦୁଇଟି ଭିନ୍ନ ବିଷୟ । ଆମେରିକା-ସାଉଦି ଆରବ ସଂପର୍କ ବୃଦ୍ଧି ଆଗାମୀ ଦିନରେ ଆରବ ଜଗତର ଅଧିକ କ୍ଷତି କରିବ । ଏଣେ ସ୍ଥାନୀୟ ମୁଦ୍ରାରେ ବ୍ରିକ୍ସ ରାଷ୍ଟ୍ରଗୁଡିକର ବ୍ୟବସାୟ ପାଶ୍ଚାତ୍ୟ ବିଶ୍ୱର ଡଲାର- ପାଉଣ୍ଡ ଗୁରୁତ୍ୱକୁ ହ୍ରାସ କରାଇବ । ସେହି ଲକ୍ଷ୍ୟରେ ଭାରତ ବହୁ ରାଷ୍ଟ୍ର ସହ ମୁକ୍ତ ବାଣିଜ୍ୟ ବୁଝାମଣା କରି ଅନେକ ବିକଳ୍ପମାର୍ଗ ଖୋଲିବାରେ ଲାଗିଛି । ଅନ୍ୟମାନେ ମଧ୍ୟ ସେହି ମାର୍ଗରେ ରହିଛନ୍ତି । କୂଟନୀତିକ ଦୃଷ୍ଟିରୁ ଦେଖିଲେ ଭାରତ ସବୁ ସଦସ୍ୟରାଷ୍ଟ୍ରଙ୍କ ମଧ୍ୟରେ ନୂଆଦିଲ୍ଲୀରେ ସହମତି ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା । ଭାରତ ବ୍ରିକ୍ସ ସଦସ୍ୟରାଷ୍ଟ୍ରଙ୍କ ସହ ୨୦୨୦-୨୧ରେ ୨୦୩ ବିଲିଅନ ଡଲାରର ବ୍ୟବସାୟ କରିଥିଲା ବେଳେ ୨୦୨୫-୨୦୨୬ରେ ତାହା ୪୧୭ବିଲିଅନ ଡଲାରକୁ ଛୁଇଁଛି । ଭାରତ ଏହାକୁ ଆଦାମୀ ଦିନରେ ଢେର ଆଗକୁ ନେବ । ବିକାଶ, ବାଣିଜ୍ୟ, ଟେକ୍ନୋଲୋଜୀ ଉପରେ ଅଧିକ ଗୁରୁତ୍ୱାରୋପ କରି ଭାରତ ଏହି ସମ୍ମିଳନୀକୁ ସଫଳତା ଦିଗରେ ନେବାକୁ ସକ୍ଷମ ହୋଇପାରିଲା ଯେଉଁଥିପାଇଁ ପଶ୍ଚିମବିଶ୍ୱର ଏବେ ଚିନ୍ତା ବଢିଯାଇଛି । ଏକଦା ବ୍ରିକ୍ସକୁ ଗୁରୁତ୍ୱ ନ ଦେବାକୁ କହୁଥିବା ଲୋକେ ଏବେ ବ୍ରିକ୍ସର ସୁଦୃଢତା ଲକ୍ଷ୍ୟ କରି ଚିନ୍ତାରେ ପଡିଛନ୍ତି ।

# ଜନତା, ନେତା, ଅଭିନେତା

ସରୋଜ କୁମାର ସାମଲ

ରାଜନୈତିକ ଭୂଗୋଳ ହେଉଛି ଗୋଟିଏ ଜନସମୁଦାୟର ଭୌତିକ ପରିଧି । ତଦନୁଯାୟୀ ସାମଗ୍ରିକ ଜନଜୀବନ ସାବାଳକ ଭୋଟାଧିକାରକୁ ପ୍ରଭାବିତ କରେ । ସାଧାରଣ କ୍ଷେତ୍ରରେ ଦୂଷଣ ଏହି ଅଧିକାରକୁ ଅବାଟରେ ସଂଚାଳନ କରିବା ଅବଧାର୍ଯ୍ୟ । ନେତା ମଧ୍ୟ ସେହିଭଳି ତିଆରି ହୁଅନ୍ତି । ଆମ ଦେଶରେ ଦଶନ୍ଧିକୁ ଦଶନ୍ଧି ରାଜ-ଅନୀତିର ଉନ୍ନରଣ ଜ୍ୟାମିତିକ ବୃଦ୍ଧି ହାରରେ ବଢ଼ିଚାଲିଛି । ଭୋଟରଙ୍କ ମନକୁ ଜିଣିବା ନୁହେଁ, କାବୁ କରିପାରିବା ହିଁ ସମର୍ଥ ନେତୃତ୍ୱର ମାପକାଠି ହୋଇଛି । ସେମାନଙ୍କୁ ଖାଉଟିରେ ପରିଣତ କରି ଶଠତାର ଅଭିନୟ କରିବାରେ ରାଜନେତାମାନେ ବେଶ୍ କୁଶଳୀ ହୋଇଯାଇଛନ୍ତି । ନେତାମାନେ ବେଶୀ ବେଶୀ ଅଭିନେତା ଭଳି ଦିଶୁଛନ୍ତି, ଅଭିନେତାମାନେ ପୁଣି ନେତାଙ୍କ ପରିଧାନରେ ନୂଆ ଅଭିନୟ କରୁଛନ୍ତି । ନିର୍ବାଚନ ରାଜନୀତିକୁ ଅନୀତି ଅନ୍ୟାୟରେ ପର୍ଯ୍ୟସ୍ତ କରୁଥିବା ପରିମଣ୍ଡଳରେ ଆତଯାତ ତିନି କର୍ତ୍ତା; ଉପଭୋକ୍ତା ହୋଇଥିବା ଭୋଟର, ଅଭିନୟରେ ଓସ୍ତାଦ ନେତା ଓ ଦଳ ଏବଂ ନେତୃତ୍ୱକୁ ଅଭିନୟ ଭାବିଥିବା ଅଭିନେତା । ଭୋଟ ଓ ଭୋଟରଙ୍କୁ ପ୍ରଥମେ ଆଲୋଚନାକୁ ନିଆଯାଉ । ବ୍ୟାଲଟ ଓ ଭୋଟିଂ ମେସିନର ବାକ୍ସ ସତରେ ମ୍ୟାଜିକ ବକ୍ସ । ବେଳେବେଳେ ଅପ୍ରତ୍ୟାଶିତ ଘଟେ । ସଂବିଧାନ ପ୍ରଣୟନ ପରର ପ୍ରଥମ ସାଧାରଣ ନିର୍ବାଚନରେ ଡକ୍ଟର ବି. ଆର. ଆମ୍ବେଦକର କ୍ଷୀର ବିକାଳି କାଜ୍ରୋଲକରଙ୍କ ଠାରୁ ହାରିଯାଆନ୍ତି । ବମ୍ବେରେ ଜନମୁଖରେ ଚାଲେ, କାହିଁ ମାନ୍ୟବର ଆମ୍ବେଦକର, ଆଉ କାହିଁ ଅଜଣା ଲହୁଣୀବାଲା କାଜ୍ରୋଲକର । ଅନଗ୍ରସରଙ୍କ ମଧ୍ୟରେ କମ୍ୟୁନିଷ୍ଟ ପାର୍ଟିର ଭୋଟ ବିଭାଜନ ଆମ୍ବେଦକରଙ୍କ ଲାଗି ଅନ୍ତରାୟ ହୋଇଥିଲା । ସେମିତି ଇନ୍ଦିରା ଗାନ୍ଧୀ ଓ ବାଜପେୟୀଙ୍କ ନିର୍ବାଚନ ପରାଜୟ ଥିଲା ଜାତୀୟ ରାଜନୈତିକ ଧାରାର ପରିଣତି । ଏମିତି ଆଶ୍ଚର୍ଯ୍ୟଜନକ ଘଟିବା ପଛରେ ଘଟଣାଚକ୍ର ଥାଏ । ଭାବରେ ଭାସିବାକୁ ପ୍ରବଣତା ଥିଲେ ମଧ୍ୟ, ଗଣତନ୍ତ୍ରର ଉଦ୍ ?ଘାଟନୀ ବର୍ଷଗୁଡ଼ିକରେ ଅଶିକ୍ଷା ଓ କୁଶିକ୍ଷା ସତ୍ତ୍ୱେ ଆମେ ମୂଳତଃ ଭୋଟର ଥିଲେ । ଖାଉଟି ମନୋଭାବର ଉଦଗ୍ରତା ନ ଥିଲା । ନିର୍ବାଚନ ଆମର ଗର୍ବ ଥିଲା, ରାଜନୀତି ଆଲୋଚକ ଚେଷ୍ଟର ବାଓଲସ ସମ୍ମତିର ଶାସନ ପାଇଁ ଭାରତୀୟ ନିର୍ବାଚନଠାରୁ ଅଧିକ ଦୃଶ୍ୟମୟ ଉତ୍ସବ ପୃଥିବୀରେ ଆଉ କିଛି ହୋଇପାରେ ନାହିଁ ବୋଲି କହିଥିଲେ । ଏହି ପର୍ବରେ ମୁଖ୍ୟ କର୍ତ୍ତା ଭାବରେ ଭୋଟରର ପରିଚୟ, ତା' ପାଇଁ ଗରିମା ଥିଲା । ନିଜର ଖାଉଟିପଣିଆ ପାଇଁ ଭୋଟର ଏବେ ଏହି ଆସନଟି ନେତାଙ୍କ ହାତରେ ଛାଡ଼ି ଦେଇଛି । ଯେଉଁ ରାଜନୈତିକ ଦଳ କ୍ଷମତାରେ ଅଛି, ଯେଉଁ ନେତାଙ୍କ ପାଖରେ ଅସଦ ଅର୍ଜନର ଅମାପ ରାଶି ଅଛି, ବିଶେଷ କିଛି ପରିସ୍ଥିତି ନ ହେଲେ ଭୋଟର ତାଙ୍କରି ମୁହାଁ । ନ୍ୟାୟ ଓ ସଂଗତିର ବିଚାର ଜାଗାରେ, ଉତ୍କଟ ସ୍ୱାର୍ଥର ତାତ୍ ?କ୍ଷାଣିକତା ସୁବିଧାବାଦୀ ବୋଧର ରୂପ ନେଉଛି । ଦରଦାମ ବୃଦ୍ଧି, ବେକାରି, କୁଶାସନ, ଆଇନଶୃଙ୍ଖଳା ଆଉ ଭୋଟ ଗଳ୍ପର ମଞ୍ଜି ହୋଇ ରହୁନାହିଁ । ଭୋଟରଙ୍କ ଭୋକ ସାମୟିକ ସ୍ଫୂର୍ତ୍ତି, ଚମକ ଓ ଚମତ୍କାରିତା ପାଇଁ । ଏହି ଭୋକିଲାପଣ ନେତାଙ୍କ ଅଭିନୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛି । ଜନତାଙ୍କୁ ତାଟକା କରିବା ପାଇଁ ନେତା ଅଭିନେତା ହେଉଛନ୍ତି । ପ୍ରଚାରରେ ଥିବାବେଳେ ନାକଶିଂଘାଣିଆ କୋଳଛୁଆଟିଏ କେଉଁଠି କାଖେଇ ପକେଇଲେଣି ତ, କେଉଁଠି ନିଜର ଖର୍ବ ଜୀବନର ଅବଶିଷ୍ଟାଂଶକୁ ବିନା ଭରସାରେ ଜିଉଥିବା ଅଶୀତିପର ବୁଢ଼ୀର ପାଦ ଛୁଇଁଲେଣି । ଲୋକଙ୍କ ଭିତରେ ଜଣେ ବୋଲି ଦେଖାଣିଆ ଆଚରଣ ଓ କଥୋପକଥନର ଏକ ଚମତ୍କାର ଅଭିବ୍ୟକ୍ତି ମନୋଜ ଦାସ ତାଙ୍କର ଏକ ଗଳ୍ପରେ ଦେଇଛନ୍ତି । ଗନ୍ତବ୍ୟ ଆଉ ମାତ୍ର ଗୋଟିଏ ଫର୍ଲଂ ଥିବାବେଳେ ଯେତେବେଳେ ମନ୍ତ୍ରୀଙ୍କୁ ପୁନର୍ବାର ଗାଡ଼ିରେ ଆସୀନ ହେବାକୁ ଅନୁରୋଧ କରାଗଲା, ମନ୍ତ୍ରୀ ମହୋଦୟଙ୍କ ଉନ୍ନରର ଭାବାର୍ଥ ଥିଲା, ''ଭାଗ୍ୟ ଯଦ୍ୟପି ତାଙ୍କୁ ବଡ଼ କରିଛି, ତଥାପି ସେ ମାଟିରେ ପାଦ ରଖିବାକୁ ପସନ୍ଦ କରନ୍ତି ।'' ସତରେ ଯେମିତି ସେ ଆକାଶରେ ଉଡୁଥିଲେ । ସବୁବେଳେ ଶାସନରେ ଥିବା ନେତାଙ୍କ ଏହି ତଥାକଥିତ ବିନୟ ଭାବ ସ୍ୱାଗତ କରୁଥିବା ଜନତାଙ୍କୁ ବିସ୍ମୟ-ବିଭ୍ରାନ୍ତିରେ ପକେଇ ଦିଏ । କାରଣ, ସେମାନେ ଭକ୍ତ, ଭୋଟର ନୁହନ୍ତି । ଉପଭୋଗର ଚମକ ଜନତାର ମାନସକୁ ମଧ୍ୟ ଆଚ୍ଛନ୍ନ କରୁଛି । ବୋଧ ଅନ୍ତଃସାରଶୂନ୍ୟ ହୋଇଗଲାଣି । 'ରିଲ୍'ର ହିରୋ ବେଳେବେଳେ 'ରିଏଲ' ପ୍ରତୀତ ହେଉଛନ୍ତି । ଏହି ହିରୋ ହିରୋଇନଙ୍କ ପାଇଁ ଉଲ୍ଲାସର ଶୁଷୁରିରେ ରାଜନେ ?ତିକ ସଭା କମ୍ପୁଛି । ବୁଦ୍ଧିକୁ ଗ୍ରାସ କରିଗଲାଣି ଦେଖିବା ଓ ଶୁଣିବାର ଆସକ୍ତି । ସିନେମା ଗୋଟାକ ଯାକ ଲୁହ ଭର୍ତ୍ତି ଆଖି ନେଇ ଶେଷରେ ସଫଳ ପ୍ରେମର ହସଟିଏ ଫେରି ପାଉଥିବା ଦିଲୀପ କୁମାର କାହିଁ ପଛରେ ପଡ଼ିଗଲେଣି । ମାତ୍ର ଦୁଇ ମିନିଟର ଆଖି ମିଶେଇବା ପରେ ଓଠକୁ ଓଠ ଯୋଡୁଥିବା ଶ୍ରଦ୍ଧା-ରଣବୀର କପୁରଙ୍କ ଗ୍ଲାମରର ଗପ ଏବେ ଦିଗନ୍ତପ୍ରସାରୀ । କାରଣ ଉପଭୋକ୍ତାବାଦର ପଟଳରେ କ୍ଷଣର ଆକର୍ଷଣ ବିଜୁଳିର ଚମକ ଆଣେ । ଭୋଟର ଯେହେତୁ ସେହି ଜନଖଣ୍ଡର ଅଂଶ, ସେମାନେ କିଭଳି ଏହି ତଡ଼ିତ୍ ମୋହରୁ ନିଜକୁ ଦୂରେଇ ରଖିବେ ? ସେଥିପାଇଁ 'ଚଟାପଟ ରୋମାନ୍‌ସ'ର ଗ୍ଲାମର ପାଇଁ ରାଜନୈତିକ ମଂଚଗୁଡ଼ିକ ଆଗଭର । ଭୋଟର ଅନ୍ଧ ଭକ୍ତିରୁ ଦୂରେଇଲେ ନେତା ଅଭିନୟ ପ୍ରତି ବିମୁଖ ହେବେ । ସେହିପରି ଭୋଟରମାନେ ନିଜକୁ ନିର୍ବାଚକର ଭୂମିକାରେ ଆବିଷ୍କାର କଲେ, ଗ୍ଲାମରର ବିଚାର କୁଆଡ଼େ ମିଳେଇ ଯିବ । ଅଭିନେତାମାନେ ଯଦି ରାଜନୀତି କରିବାକୁ ଚାହୁଁଛନ୍ତି, ଅନିଶ୍ଚିତ ଲୋକକ୍ଷେତ୍ରକୁ ନୂତନ ପ୍ରତ୍ୟୟ ନେଇ ଆସନ୍ତୁ, ଖାଲି କ୍ଷମତାର ଅଳିନ୍ଦ ଲକ୍ଷ୍ୟସ୍ଥଳୀ ନ ହେଉ । ଛବି ଓ ଚେହେରାର ଏକ ବିନ୍ଦୁ ସହାବସ୍ଥାନ, ସଫଳ ନ ହେଲେ ମଧ୍ୟ ମୂଲ୍ୟବୋଧର ରାଜନେତା ତିଆରି କରେ । କିନ୍ତୁ ବର୍ତ୍ତମାନ ସମୟରେ ଅଧିକାଂଶ ରାଜନେତା କୃତ୍ରିମତାର ବଳୟ ଅନ୍ୱେଷଣରେ । ସେଥିପାଇଁ ଆବଶ୍ୟକ ପ୍ରଚାରର ଝଡ଼ । ଅସତ୍ୟର ତଥ୍ୟ-କରଣ । ସ୍କେଲରେ ଏକକୁ ଏକ କରି ଦର୍ଶାଇବା ସଂକ୍ରାନ୍ତରେ ଆର୍ଜେଂଟିନିୟ ଗାଳ୍ପିକ ଜର୍ଜ ଲୁଇ ବର୍ଜେସଙ୍କ ଦ୍ୱାରା ଉଦ୍ଧୃତ ଏକ ପ୍ରାଚୀନ ସାମ୍ରାଜ୍ୟର ମଜାଦାର କାହାଣୀ ଅଛି । ଏକକୁ ଏକ ସ୍କେଲରେ ଯେତେବେଳେ ସାମ୍ରାଜ୍ୟର ଠିକ୍ ମାପ ତିଆରି ହେଲା, ସେଥିରେ ସମୁଦାୟ ରାଜ୍ୟର ଭୂଗୋଳଟା ଘୋଡ଼େଇ ହୋଇଗଲା । ସେଥିପାଇଁ ଲୋକଙ୍କ ସହିତ ସେତୁ ବାନ୍ଧିବା ପାଇଁ ହୁଏତ ନେତାଙ୍କ କଥାରେ କିଛି ଖାଦର ବ୍ୟାବହାରିକତା ଗ୍ରହଣୀୟ । କିନ୍ତୁ ବିଭ୍ରାନ୍ତିର ନ୍ୟାରେଟିଭ ଓ ଅଭିସନ୍ଧିର ଅଭିନୟ ଗଣତନ୍ତ୍ର ପାଇଁ ବିପଜ୍ଜନକ । ନିର୍ବାଚନ ରାଜନୀତି ଯଦି ଅଭିନୟର ମଂଚ ହୁଏ, ତାହା ହେଲେ ପେସାଦାର ଅଭିନେତାମାନେ ରିଂ ମଧ୍ୟକୁ ଆସିବେ ନାହିଁ କାହିଁକି ? ଅବଶ୍ୟ, ସିନେମା, ଥିଏଟରର ତାରକାମାନେ ସବୁବେଳେ ପରିବର୍ତ୍ତନଶୀଳ ସମୟକୁ କାନ୍ଧରେ ବୋହିଛନ୍ତି । ସ୍ୱାଧୀନତୋତର ଭାରତରେ ପ୍ରାରମ୍ଭର ଅବଧି ଥିଲା ଦାରିଦ୍ର୍ୟ ବିରୁଦ୍ଧରେ ଲଢ଼େଇ । ଜୀବନ ଓ ଜୀବିକାର ଅନ୍ୱେଷଣରେ ରାସ୍ତାର ମଣିଷ ଥିଲେ 'ଆୱାରା' ରାଜ କପୁର । 'ଦେବାନନ୍ଦ' ଥିଲେ ବଦଳୁଥିବା ଭାରତ । ରାଜ କପୁରଙ୍କ ଗାଁ ଛାଡ଼ି ସେ ଥିଲେ ବମ୍ବେ ମୁହାଁ । 'ଗାଇଡ' ସିନେମାରେ ସତ୍ୟ ଓ ଆଶାବାଦକୁ ତୋଳି ଧରିବା ସହିତ, ହସି ନାଚି ତାରୁଣ୍ୟର ଅରଣ୍ୟ ଭିତରେ ହଜି ଯାଇଥିଲେ । ରାଜ କପୁର ମାଟି, ଦେବାନନ୍ଦ ନିଆଁ ହେଲେ ଦିଲୀପ କୁମାର ଥିଲେ ଭାବନାର ଶକ୍ତି । ସବୁକିଛି ହରେଇ ଚାଲିଲା ବେଳେ, ସେ ଚରିତ୍ର ଭିତରେ ସମ୍ଭାବନାର ସଚାଂର କରୁଥିଲେ । 'ଜଙ୍ଗଲି'ରେ ଶମୀ କାପୁର 'ୟା...ହୁ' ଗୀତ ସହିତ ଶୃଙ୍ଖଳାର ଶୃଙ୍ଖଳ ଛିଡ଼ାଇ ଅଣପାରମ୍ପରିକତାର ରାସ୍ତାରେ ଯାତ୍ରୀ ହେବାକୁ ଯେମିତି ବିଗୁଲ୍ ବଜାଇ ଦେଇଥିଲେ । ଅମିତାଭ ବଚ୍ଚନ ବ୍ୟବସ୍ଥାର ରକ୍ଷଣଶୀଳତାକୁ ଧକ୍କା ମାରି ଏଙ୍ଗ୍ରି ହିରୋରେ ପରିଣତ ହେଲେ । ପରବର୍ତୀ ସମୟରେ ଶାହରୁଖ, ସଲମାନ, ଆମିର, ଋତିକ ଓ ରଣବୀରଙ୍କ ନାମ ଭୂମିକା ସାଙ୍ଗରେ ମଧ୍ୟ ଯୋଡ଼ି ହୋଇଯାଇଛି । ନାୟିକାମାନଙ୍କ ମଧ୍ୟରେ ଚରିତ୍ରକୁ ଚିହ୍ନେଇଥିବାର ବର୍ଗ ଭିତରେ ମଧୁବାଳା, ହେମା ମାଳିନୀ ଓ ରେଖା ସ୍ଥାନିତ ହେବେ । ଅମିତାଭଙ୍କ ସଂକ୍ଷିପ୍ତ ସମୟ ଓ ହେମା ମାଳିନୀଙ୍କୁ ଛାଡ଼ିଦେଲେ, କେହି ରାଜନୀତି ମଧ୍ୟରେ ଅଭିନୟ ସନ୍ଧାନ କଲେନାହିଁ । କାରଣ ସ୍କ୍ରିନର ନାୟକ ଚରିତ୍ରାୟନ ମଧ୍ୟରେ ବଂଚେ । ବାସ୍ତବକୁ କଳ୍ପନାରେ ଧରି ରଖିବାକୁ ହୁଏ ତ ଅନୁପ୍ରେରିତ ହୁଏ । କିନ୍ତୁ ବାସ୍ତବାୟନ ପାଇଁ ବୃହତର କ୍ଷେତ୍ରରେ କାମ କରିବାକୁ ପଡ଼ିବ । ଯେଉଁଥିପାଇଁ ହେମା ମାଳିନୀ ତିନି ଥର ସାଂସଦ ହୋଇ ମଧ୍ୟ ଏ ପର୍ଯ୍ୟନ୍ତ ଅଭିନେତ୍ରୀ, ରାଜନେତ୍ରୀ ନୁହନ୍ତି । ଆମ ରାଜ୍ୟରେ କିଛି ବର୍ଷ ତଳେ ଅଭିନେତାରୁ ରାଜନେତା ହେବାକୁ ଅଭୀପ୍ସାର ଏକ ଧାରା ଆରମ୍ଭ ହୋଇଛି । ବୋଧହୁଏ ଧାରଣା ହୋଇଛି, ରାଜନୀତି ଏକ ସାମୟିକ ବୃତି ବା ଧନ୍ଦା ଯେଉଁଥିରେ ପେସାଦାର ଅନୁଭୂତିକୁ ନେଇ ଅଧିକ ନିଖୁଣ ଅଭିନୟ କରିହେବ । ଲୋକଙ୍କୁ ବଶ କରିହେବ । କିନ୍ତୁ ଅଭିନେତା ଅଭିନେତ୍ରୀ, ପ୍ରାୟ ସମସ୍ତେ ଭଲ ପାଗର ଗାଡ଼ି ବା ଘୋଡ଼ା । ଗ୍ଲାମରର ବିକିରଣ ପାଇଁ ଲୋଡ଼ା ଉନ୍ନତ ସେବା ସାମଗ୍ରୀ, ଉତ୍ସାହୀ କର୍ମୀ, ପ୍ରାତିଷ୍ଠାନିକ ଢାଚାଂ । ସେଥିପାଇଁ ସେମାନେ ଚାଖଣ୍ଡେ ମାପି ବିରୋଧୀଙ୍କ ଠାରୁ ହାତେ ଦୂରରେ । ବେଳକାଳ ଦେଖି ଆମ ରାଜ୍ୟରେ ପାଲା ବଦଳ ଚାଲିଛି । ପଡ଼ୋଶୀ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ଦଳରେ ଦଶ/ପନ୍ଦର ବର୍ଷ ଧରି ସାଂସଦ ବିଧାୟକ ହୋଇଥିବା ଅଭିନେତା ଓ ଅଭିନେତ୍ରୀଙ୍କର ପ୍ରାୟ ସମୁଦାୟ ଦଳଟି ଶାସକ ଆଡ଼କୁ ଆଉଜି ପଡ଼ିଲେ । କ୍ଷମତା ରାଜନୀତି ଯେତେବେଳେ ଲକ୍ଷ୍ୟ, ନୀତିହୀନତାର ଆକ୍ଷେପ ତାଙ୍କ ପାଇଁ ନିରର୍ଥକ । ଆମେ ଖାଲି ଯାହା ଅଭିନେତା/ ଅଭିନେତ୍ରୀଙ୍କ ଠାରୁ ଅଭିନୟ ବଦଳରେ ନେତୃତ୍ୱ ଓ ସେବା ଆଶା କରୁଛେ ! ପୁଞ୍ଜିର ଲଙ୍ଗଳା ନାଚ ସବୁର ବସ୍ତୁ-କରଣ ଓ ବଜାରୀକରଣ କରୁଛି । ଆଶ୍ଚର୍ଯ୍ୟଜନକ ଭାବରେ ଆଧୁନିକ ବ୍ୟବସାୟୀ ତନ୍ତ୍ର ସହିତ ଯେଉଁ ଉକ୍ତିର ମିଶ୍ରଣ ହୋଇଛି, ସେଥିରୁ ଆଦିମତାର ବାସନା ଯାଇନାହିଁ । ବଜାର ଓ ଅନ୍ଧ ଭକ୍ତିର ରସାୟନ ଭୟଙ୍କର । ଭୋଟର ଅନ୍ଧ ଭକ୍ତିରୁ ଦୂରେଇଲେ ନେତା ଅଭିନୟ ପ୍ରତି ବିମୁଖ ହେବେ । ସେହିପରି ଭୋଟରମାନେ ନିଜକୁ ନିର୍ବାଚକର ଭୂମିକାରେ ଆବିଷ୍କାର କଲେ, ଗ୍ଲାମରର ବିଚାର କୁଆଡ଼େ ମିଳେଇ ଯିବ । ଅଭିନେତାମାନେ ଯଦି ରାଜନୀତି କରିବାକୁ ଚାହୁଁଛନ୍ତି, ଅନିଶ୍ଚିତ ଲୋକକ୍ଷେତ୍ରକୁ ନୂତନ ପ୍ରତ୍ୟୟ ନେଇ ଆସନ୍ତୁ, ଖାଲି କ୍ଷମତାର ଅଳିନ୍ଦ ଲକ୍ଷ୍ୟସ୍ଥଳୀ ନ ହେଉ । ଫ୍ୟାନଡମ ଓ ଷ୍ଟାରଡମ ଗଣତନ୍ତ୍ରର ପରିପନ୍ଥୀ ।

## ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଓଡ଼ିଶାକୁ ବିଶାଳ ପୁଞ୍ଜିନିବେଶ ଆଣିଛି ଡବଲଇଞ୍ଜିନ ସରକାର: ମନମୋହନ ସାମଲ

ଭୁବନେଶ୍ୱର: ସମୃଦ୍ଧ ଓଡ଼ିଶା ଗଢ଼ିବା ସ୍ୱପ୍ନ ସାକାର କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇ ଚାଲିଛନ୍ତି । ରାଜ୍ୟରେ ଡବଲ୍ ଇଂଜିନ ସରକାର ଗଠନ ହେବା ପରେ ପ୍ରଗତିକୁ ଗତିଶୀଳ କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଆସନ୍ତାକାଲି ୯ମ ଥର ପାଇଁ ଓଡିଶା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ସେ ଖୋର୍ଦ୍ଧାଠାରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଡାଟା ସେଂଟର ଓ ଟ୍ରେନିଂ ସେଂଟର ଉଦ୍‌ଘାଟନ କରିବେ । ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକଟି ଓଡ଼ିଶା ଗସ୍ତ ରାଜ୍ୟର ବିକାଶ ପାଇଁ ନୂଆ ଉପହାର ନେଇ ଆସିଥାଏ । ନିର୍ବାଚନ ପୂର୍ବରୁ ସମ୍ବଲପୁର ଓ ଚଣ୍ଡିଖୋଲରେ ଯେଉଁସବୁ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଥିଲା, ସେଗୁଡ଼ିକ କ୍ରିୟାନ୍ୱୟନ ହୋଇଛି । ପ୍ରଧାନମନ୍ତ୍ରୀ କେବଳ ଘୋଷଣା କରନ୍ତି ନାହିଁ, ବରଂ ତାହାକୁ ବାସ୍ତବତାରେ ପରିଣତ କରି ଲୋକଙ୍କ ସେବାରେ ଉତ୍ସର୍ଗ କରନ୍ତି । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଓଡ଼ିଶାକୁ ବିଶାଳ ପୁଞ୍ଜିନିବେଶ ଆଣିଛି ଡବଲଇଞ୍ଜିନ ସରକାର । ସେମିକଣ୍ଡକ୍ଟର, ଡାଟା ସେଂଟର, ଆଇଟି, ଖଣିଜଭିତିକ ଶିଳ୍ପ, ପେଟ୍ରୋକେମିକାଲ୍ସ, ଶକ୍ତି, କୃଷି ତଥା ପର୍ଯ୍ୟଟନ କ୍ଷେତ୍ରରେ ବିଜେପି ସରକାର ଦୃଢ଼ ପଦକ୍ଷେପ ନେଇ ରାଜ୍ୟର ଅର୍ଥନୀତିକୁ ନୂତନ ଗତି ଦେଇଛି । ଆଗାମୀ ଦିନରେ ଓଡ଼ିଶା ପୂର୍ବ ଭାରତର ପ୍ରଗତିର ମୁଖଶାଳା ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀଭାବେ ଦାୟିତ୍ୱ ନେବା ପରେ ମୋଦିଜୀ ଓଡ଼ିଶାର ସର୍ବାଙ୍ଗୀନ ଓ ସାମୂହିକ ବିକାଶକୁ ଗୁରୁତ୍ୱ ଦେଇଆସୁଛନ୍ତି ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ୧୧ତମ ସମର୍ପଣ ଉତ୍ସବ ଆୟୋଜନ ନେଇ ପ୍ରସ୍ତୁତି ବୈଠକ



ସମ୍ବଲପୁର,୨୫/୧୦(ନି/ପ୍ର):ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାଠାରେ ଗୁରୁ ପଦ୍ମ ସମ୍ଭବ ପ୍ରଚାର ସମିତି ପକ୍ଷରୁ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ବିଭିନ୍ନ ସମାଜର ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ପଶ୍ଚିମ ଓଡ଼ିଶାର ଇତିହାସ, ବୌଦ୍ଧ ପୀଠଗୁଡ଼ିକର ବିକାଶ ଏବଂ ଆଗାମୀ ୧୧ତମ ସମର୍ପଣ ଉତ୍ସବ ଆୟୋଜନ ନେଇ ଆଲୋଚନା ହୋଇଥିଲା। ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନେକ ବୌଦ୍ଧ ପୀଠ ରହିଥିଲେ ମଧ୍ୟ ସମନ୍ୱୟର ଅଭାବରୁ ସେଗୁଡ଼ିକର ଉଚିତ ବିକାଶ ହୋଇପାରୁନାହିଁ। ଏହି ପୀଠଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ପଶ୍ଚିମ ଓଡ଼ିଶାର ବୌଦ୍ଧ ଇତିହାସକୁ ଲୋକଲୋଚନକୁ ଆଣିବା ପାଇଁ ଭାରତୀ ସମାଜ ପକ୍ଷରୁ ଗୁରୁ ପଦ୍ମ ସମ୍ଭବ ପ୍ରଚାର ସମିତି ଗଠନ କରାଯାଇଛି। ପଶ୍ଚିମାଂଚଳର ବିଭିନ୍ନ ଐତିହାସିକ ସ୍ଥଳ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଥିବା ବୈଠକରେ ସୂଚନା ଦିଆଯାଇଥିଲା। ଅକ୍ଟୋବର ୩୧ରେ ଲକ୍ଷ୍ମୀ ଡୁଙ୍ଗୁରିଠାରେ ସମର୍ପଣ ଉତ୍ସବ ଅବସରରେ ବୃକ୍ଷପୂଜା ଆୟୋଜନ କରାଯିବ। ନଭେମ୍ବର ୧ରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୧୧ତମ ସମର୍ପଣ ଉତ୍ସବ ଅବସରରେ ଏକ ଆଲୋଚନାଚକ୍ର ଆୟୋଜନ ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଛି। ବୈଠକରେ ବିଗତ ଦଶବର୍ଷ ଧରି ଆୟୋଜିତ ସମର୍ପଣ ଉତ୍ସବ ସମ୍ପର୍କରେ ସୂଚନା ଦିଆଯାଇଥିଲା।ପଶ୍ଚିମ ଓଡ଼ିଶାର ବୌଦ୍ଧ ଇତିହାସ ସହ ସମ୍ବଲପୁତ୍ର ଗୁରୁ ପଦ୍ମ ସମ୍ଭବ, ରାଜା ଇନ୍ଦ୍ରଭୂତି ଓ ଲକ୍ଷ୍ମୀକରାଙ୍କ ସମ୍ପର୍କିତ ତଥ୍ୟକୁ ଲୋକଲୋଚନକୁ ଆଣିବାକୁ ଭାରତୀ ସମାଜ ଉଦ୍ୟମ କରୁଛି ବୋଲି ସମିତିର ମହାସଚିବ ଡ. ସ୍ୱୟଂ ପ୍ରକାଶ ପଣ୍ଡା କହିଥିଲେ। ପଶ୍ଚିମାଂଚଳର ବିଭିନ୍ନ ଅଚଂଳର ସପ୍ତମ ଶତାବ୍ଦୀର ଇତିହାସ ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ଲୋକକଥା ଓ ଐତିହାସିକ ତଥ୍ୟ ସଂଗ୍ରହ କରାଯିବ। ଏଥିପାଇଁ ବିଭିନ୍ନ ଜିଲ୍ଲାର ଗାଁଗୁଡ଼ିକରୁ ଲୋକଙ୍କୁ ନିମନ୍ତ୍ରଣ କରାଯାଉଛି। ପଶ୍ଚିମ ଓଡ଼ିଶାର ବୌଦ୍ଧ କରିଡରର ବିକାଶ ମାଧ୍ୟମରେ ପର୍ଯ୍ୟଟନକୁ ଆଗକୁ ନେବା ଲକ୍ଷ୍ୟ ରହିଥିବା ଆଲୋଚନା ହୋଇଥିଲା। ସମିତିର ଆବାହକ ଭବାନୀଶ ଭୋଇଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଗୋପବନ୍ଧୁ ସେନାପତି, ମାନସ ରଞ୍ଜନ ବକ୍ସି, ଲଳିତା ଭୋଇ ଓ ରଞ୍ଜିତ ସାହୁଙ୍କ ସମେତ ବିଭିନ୍ନ ସମାଜର ଚୂଡ଼ାମଣି ଭୀମ, ବସନ୍ତ କୋକବାଗ, ବଳରାମ ମଟାରୀ, ପ୍ରଦୀପ କୁମାର ପଣ୍ଡା, ଜନାର୍ଦ୍ଦନ ବାର୍ଗେ, ସୁରେନ୍ଦ୍ର ବଗର୍ତି ଓ ସୁବ୍ରତ ପ୍ରଧାନ ଉପସ୍ଥିତ ଥିଲେ।

# ଭୀମସାରରେ ରକ୍ତ ପରୀକ୍ଷା ପାଇଁ ରୋଗୀ ହନ୍ତସନ୍ତ: ସକାଳ ୭ଟାରୁ ସଂଗ୍ରହ ଦାବି



ସମ୍ବଲପୁର,୨୫/୧୦(ନି/ପ୍ର): ବୁର୍ଲାର ଆଂଚଳିକ ନିଦାନ କେନ୍ଦ୍ରରେ ରକ୍ତ ପରୀକ୍ଷା ପାଇଁ ରୋଗୀଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ହୋଇଛି। ଖାଲି ପେଟରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ରହୁଥିବାରୁ ବୟସ୍କ, ଅସୁସ୍ଥ ଓ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ବିଶେଷ ହଇରାଣ ହେଉଛନ୍ତି। ଏହାର ସମାଧାନ ପାଇଁ ସକାଳ ୭ଟାରୁ ରକ୍ତ ସଂଗ୍ରହ ଆରମ୍ଭ କରିବାକୁ ଦାବି ହୋଇଛି। ଅଭିଯୋଗ ଅନୁଯାୟୀ, ଅକ୍ଟୋବର ୨୩ ତାରିଖ ସକାଳ ୮ଟା ୩୦ରେ ରକ୍ତ ପରୀକ୍ଷା ପାଇଁ ଯାଇଥିବା ପ୍ରଶାନ୍ତ ପାଢ଼ୀ ଗୋଟିଏ ଧାଡ଼ିରେ ୪୩ ନମ୍ବରରେ ଥିବାବେଳେ ଅନ୍ୟ ଧାଡ଼ିରେ ମଧ୍ୟ ବହୁ ରୋଗୀ ଅପେକ୍ଷା କରିଥିଲେ। ସକାଳ ୯ଟା ପରେ କର୍ମଚାରୀ ପହଂଚି ନଥିବା ଏବଂ ପରେ ମେସିନ୍ ଚାଲୁ କରିବାରେ ସମସ୍ୟା ଯୋଗୁଁ ରକ୍ତ ସଂଗ୍ରହ ବିଳମ୍ବ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଶେଷରେ ସକାଳ ୧୧ଟା ୨୦ରେ ତାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଏନେଇ ସେ ଭୀମସାର ନିର୍ଦ୍ଦେଶକ ଡାକ୍ତର ଲାଲମୋହନ ନାୟକଙ୍କୁ ଫୋନ୍‌ରେ ଜଣାଇଥିବା କହିଛନ୍ତି। ରିପୋର୍ଟ ବଂଟନ ବ୍ୟବସ୍ଥାରେ ମଧ୍ୟ ଅବ୍ୟବସ୍ଥା ଥିବା ଅଭିଯୋଗ ହୋଇଛି। ନିର୍ଦ୍ଧାରିତ ସମୟରେ ରିପୋର୍ଟ ନମିଳିବା ଏବଂ ଅପରାହ୍ଣ ୩ଟାରେ ୩୦୦ରୁ ଅଧିକ ରୋଗୀ ଧାଡ଼ିରେ ଥିବା ସେ ଦାବି କରିଛନ୍ତି।ରୋଗୀଙ୍କ ଅସୁବିଧା ଦୂର କରିବା ପାଇଁ ସକାଳ ୭ଟାରୁ ରକ୍ତ ସଂଗ୍ରହ, ଓପିଡି ରୋଗୀଙ୍କ ପାଇଁ ସ୍ୱତନ୍ତ୍ର କାଉଂଟର, ପର୍ଯ୍ୟାପ୍ତ କର୍ମଚାରୀ ନିଯୁକ୍ତି, ମେସିନ୍‌ର ସୁଚାରୁ ପରିଚାଳନା ଓ ରିପୋର୍ଟ ବଂଟନରେ ଶୃଙ୍ଖଳା ଆଣିବାକୁ ପ୍ରଶାନ୍ତ ପାଢ଼ୀ ଦାବି କରିଛନ୍ତି। ଏନେଇ ସେ ସମ୍ବଲପୁର ରାଜସ୍ୱ ଆୟୁକ୍ତ, ଜିଲ୍ଲାପାଳ, ଭୀମସାର ନିର୍ଦ୍ଦେଶକ ଓ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।ରୋଗୀଙ୍କୁ ଦୀର୍ଘ ସମୟ ଅପେକ୍ଷାରୁ ମୁକ୍ତି ଦେବା ସହ ସମୟୋଚିତ ଓ ମାନବିକ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ସାଧାରଣରେ ଦାବି ହେଉଛି।

## ବାତ୍ୟା ମୁକାବିଲା : ସମସ୍ତ ବିଭାଗକୁ ସତର୍କ ରହିବାକୁ ସରକାରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୫/୧୦(ନି/ପ୍ର): ସମ୍ଭାବ୍ୟ ବାତ୍ୟାର ମୁକାବିଲା ଏବଂ ଧନଜୀବନ କ୍ଷୟକ୍ଷତି ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କୃଷି, ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ପଂଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଏବଂ ଜଳସମ୍ପଦ ବିଭାଗ ସମେତ ଅଗ୍ନିଶମ ସେବା ଓ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ (ଓଡ୍ରାଫ୍)କୁ ସଜାଗ ରଖାଯାଇଛି। ଜରୁରିକାଳୀନ ପରିସ୍ଥିତିରେ ତ୍ୱରିତ ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସୁନିଶ୍ଚିତ କରିବା ସହ ଆବଶ୍ୟକ ମାନବସମ୍ବଳ ଓ ଯନ୍ତ୍ରପାତି ପ୍ରସ୍ତୁତ ରଖିବାକୁ ଗୁରୁତ୍ୱ ଦିଆଯାଇଛି।କୃଷି ଓ କୃଷକ ସଶକ୍ତିକରଣ ବିଭାଗ: ବାତ୍ୟା ଓ ବର୍ଷା ଯୋଗୁଁ ଫସଲର କ୍ଷୟକ୍ଷତି ହ୍ରାସ କରିବାକୁ କୃଷକମାନଙ୍କ ପାଇଁ ଆବଶ୍ୟକ ପରାମର୍ଶ ଜାରି କରାଯାଇଛି। ୮୦ରୁ ୮୫ ପ୍ରତିଶତ ପାଚିଥିବା ଧାନକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବା ସହ ଅମଳ ହୋଇଥିବା ଫସଲକୁ ପଲିଥିନ୍ ରେ ଘୋଡ଼ାଇ ରଖିବାକୁ କୁହାଯାଇଛି।ଅତିରିକ୍ତ ବର୍ଷାଜଳ ନିଷ୍କାସନ ପାଇଁ ଜମିରେ ଥିବା ନାଳଗୁଡ଼ିକୁ ସଫା ରଖିବା ଏବଂ ସାର ଓ କୀଟନାଶକ ପ୍ରୟୋଗକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପାଚିଥିବା ମକା, ମାଣ୍ଡିଆ, ମୁଗ, ବିରି, ଅନ୍ୟାନ୍ୟ ଡାଲିଜାତୀୟ ଫସଲ ଓ ଅମଳ ଉପଯୋଗୀ ପନିପରିବାକୁ ବର୍ଷା ପୂର୍ବରୁ ଅମଳ କରିବାକୁ କୁହାଯାଇଛି। ବର୍ଷା ପରେ ଜମିରୁ ଜଳ ନିଷ୍କାସନ, ପନିପରିବା ମାଂଚାକୁ ସୁଦୃଢ଼ କରିବା ଏବଂ ଫସଲରେ କୀଟ ଓ ରୋଗ ଚିହ୍ନଟ କରି ଉପଯୁକ୍ତ ଉପଚାର ଉପରେ ଗୁରୁତ୍ୱ ଦିଆଯାଇଛି।ଶକ୍ତି ବିଭାଗ:ବାତ୍ୟା ମୁକାବିଲା ପାଇଁ ବିଦ୍ୟୁତ୍ ବିତରଣ ସଂସ୍ଥାଗୁଡ଼ିକୁ ବିପର୍ଯ୍ୟୟ ପରିଚାଳନା ଯୋଜନା ସକ୍ରିୟ କରିବା ସହ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସମ୍ବଲପୁର ମଣ୍ଡଳରେ 'ରେଳ ଜନ ସଂବାଦ' ଆୟୋଜିତ

ସମ୍ବଲପୁର,୨୫/୧୦(ନି/ପ୍ର): ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ୬.୦ ଅଧୀନରେ ଗୁରୁବାର ମଣ୍ଡଳର ସମସ୍ତ ରେଳ ଷ୍ଟେସନରେ 'ରେଳ ଜନ ସଂବାଦ' ଆୟୋଜିତ ହୋଇଥିଲା। ଯାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିବା, ସେମାନଙ୍କ ମତାମତ ଜାଣିବା ଏବଂ ରେଳ ସେବାର ଗୁଣବତ୍ତା ବଢ଼ାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଯାତ୍ରୀମାନେ ଷ୍ଟେସନରେ ଉପଲବ୍ଧ ସୁବିଧା, ଷ୍ଟେସନ ଓ ଟ୍ରେନର ପରିଚ୍ଛନ୍ନତା, ସୁରକ୍ଷା ବ୍ୟବସ୍ଥା ଏବଂ ସାମଗ୍ରିକ ରେଳ ସେବା ବିଷୟରେ ନିଜ ଅନୁଭୂତି, ପରାମର୍ଶ ଓ ମତାମତ ରଖିଥିଲେ। ଏହାଦ୍ୱାରା ଯାତ୍ରୀମାନେ ରେଳ ଅଧିକାରୀଙ୍କ ସହ ସିଧାସଳଖ କଥା ହୋଇ ସେବାରେ ଉନ୍ନତି ଆବଶ୍ୟକ କରୁଥିବା ଦିଗଗୁଡ଼ିକ ଉପସ୍ଥାପନ କରିବାର ସୁଯୋଗ ପାଇଥିଲେ। ସମ୍ବଲପୁର ରେଳ ଷ୍ଟେସନରେ ମଣ୍ଡଳ ରେଳ ପ୍ରବନ୍ଧକ



ଶ୍ରୀ ସୁବାଷ ଚନ୍ଦ୍ର ଚୌଧରୀ ଯାତ୍ରୀ ଓ ରେଳ ବ୍ୟବହାରକାରୀଙ୍କ ସହ ଆଲୋଚନା କରିଥିଲେ। ଷ୍ଟେସନର ପରିଚ୍ଛନ୍ନତା, ଏସ୍କାଲେଟର୍ ସୁବିଧା, ଟ୍ରେନରେ ଖାଦ୍ୟ ଯୋଗାଣ ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସେ ମତାମତ ସଂଗ୍ରହ କରିଥିଲେ। ଯାତ୍ରୀଙ୍କ ମତାମତ ରେଳ ସେବାର ତ୍ରୁଟି ଓ ଅଭାବ ଚିହ୍ନଟ କରିବା ସହ ଏହାର ମାନ ବୃଦ୍ଧିରେ ସହାୟକ ହୁଏ ବୋଲି ଶ୍ରୀ ଚୌଧରୀ କହିଥିଲେ। ଆଲୋଚନାରୁ ମିଳିଥିବା ପରାମର୍ଶଗୁଡ଼ିକୁ ବିଚାରକୁ ନେଇ ଯାତ୍ରୀ ସୁବିଧା ଓ ସେବାର ମାନ ଉନ୍ନତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ଆଶ୍ୱାସନା ଦେଇଥିଲେ। କାର୍ଯ୍ୟକ୍ରମକୁ ଯାତ୍ରୀମାନଙ୍କଠାରୁ ଉତ୍ସାହଜନକ ସମର୍ଥନ ମିଳିଥିଲା। ରେଳ ଅଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରି ମତାମତ ରଖିବାର ସୁଯୋଗକୁ ସେମାନେ ପ୍ରଶଂସା କରିଥିଲେ। ଏଭଳି ପଦକ୍ଷେପ ରେଳପଥ ଓ ଯାତ୍ରୀଙ୍କ ମଧ୍ୟରେ ଯୋଗାଯୋଗ, ସ୍ୱଚ୍ଛତା ଓ ଦାୟିତ୍ୱବୋଧକୁ ସୁଦୃଢ଼ କରିବା ସହ ଯାତ୍ରୀକୈନ୍ଦ୍ରିକ ସେବାକୁ ପ୍ରୋତ୍ସାହିତ କରିବ ବୋଲି ମଣ୍ଡଳ ପକ୍ଷରୁ କୁହାଯାଇଛି।

## ଏନ୍ଏଚ୍-୪୯ ମରାମତି ପାଇଁ ଅଂଟା ଭିଡ଼ିଲେ ଅଚଂଳବାସୀ

ଝାରସୁଗୁଡା,୨୫/୧୦(ନି/ପ୍ର): ଦୀର୍ଘଦିନ ଧରି ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଥିବା ଏନ୍ଏଚ୍-୪୯ର କତରବଗା ବ୍ରିଜ୍ ଠାରୁ ଭିକମପାଲି (ଚିଲାପାଲି) ପର୍ଯ୍ୟନ୍ତ ରାସ୍ତାର ମରାମତି ପାଇଁ ଏବେ ଅଂଟା ଭିଡ଼ିଛନ୍ତି ଅଂଚଳବାସୀ। ବାରମ୍ବାର ଦାବି ସତ୍ତ୍ୱେ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବାରୁ ଶେଷରେ ନିଜ ଉଦ୍ୟମରେ ରାସ୍ତା ମରାମତି କରିବାକୁ ସ୍ଥାନୀୟ ଲୋକେ ନିଷ୍ପତି ନେଇଛନ୍ତି। ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ଏହି ରାସ୍ତାରେ ଅନେକ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟାତ ବିପଦସଙ୍କୁଳ ହୋଇପଡ଼ିଛି। ଏହାଦ୍ୱାରା ଯାନବାହନ ଚଳାଚଳରେ ସମସ୍ୟା ଉପୁଜିବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି। ଏହି ରାସ୍ତାର ତୁରନ୍ତ ମରାମତି ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ବିଭାଗୀୟ ନିଷ୍କ୍ରିୟତା ଯୋଗୁଁ ଅଂଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଆଜି ଜିଲ୍ଲା ପରିଷଦ ସଭ୍ୟ ସନତ କୁମାର ସିଂହଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରେଙ୍ଗାଲି ଥାନାଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ଦୁଇଦିନ ମଧ୍ୟରେ ସମ୍ପୃକ୍ତ ବିଭାଗ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଏଥିରେ ଅନୁରୋଧ କରାଯାଇଛି। ନଚେତ୍ ଆସନ୍ତା ୨୪ ତାରିଖ ସକାଳ ୮ଟାରୁ ଅଂଚଳବାସୀ ନିଜେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବେ ବୋଲି ଚେତାବନୀ ଦେଇଛନ୍ତି। ମରାମତି କାର୍ଯ୍ୟ ସମୟରେ ଯାନବାହନ ଚଳାଚଳ ବନ୍ଦ ରଖିବାର ଆବଶ୍ୟକତା ଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସର ସହଯୋଗ ଲୋଡ଼ାଯାଇଛି। ଏଥିସହ ମରାମତି ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା କ୍ଷୟକ୍ଷତି ଘଟିଲେ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ରରେ ଜିଲ୍ଲା ପରିଷଦ ସଭ୍ୟ ସନତ କୁମାର ସିଂହଙ୍କ ସମେତ ଅତାବିରା ସରପଂଚ ସଞ୍ଜିତ ପ୍ରଧାନ, ପଂଚଗାଁ ସମିତି ସଭ୍ୟ ରୋହିତ ଧୁରୁଆ, ଭିକମପାଲି ସରପଂଚ ପଦ୍ମିନୀ ସାହୁ, ହେମଚନ୍ଦ୍ର ଖମାରୀ, ଲବ ପ୍ରଧାନ, ଗୌତମ ପଟେଲ, ପଂଚାନନ ମେହେର, ପ୍ରେମାନନ୍ଦ ଭୋଇଙ୍କ ସମେତ ବହୁ ଅଂଚଳବାସୀ ସମର୍ଥନ ଜଣାଇଛନ୍ତି।

# ଲଖନପୁର ବ୍ଲକର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଓ ଗ୍ରାମ ଗସ୍ତ କଲେ ଜିଲ୍ଲାପାଳ

# ଉନ୍ନୟନମୂଳକ କାର୍ଯ୍ୟର କଲେ ସମୀକ୍ଷା

ଝାରସୁଗୁଡ଼ା,୨୫/୧୦(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଲଖନପୁର ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଏବଂ ଗ୍ରାମାଂଚଳ ପରିଦର୍ଶନ କରି ସେଠାରେ ଥିବା ଜନସାଧାରଣଙ୍କ ସମସ୍ୟା ତଥା ବିକାଶମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଲଖନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ପଟେଲ ଉପସ୍ଥିତ ରହିଥିଲେ। ଗସ୍ତର ପ୍ରାରମ୍ଭରେ ଜିଲ୍ଲାପାଳ ଐତିହାସିକ ପର୍ଯ୍ୟଟନସ୍ଥଳୀ ବିକ୍ରମଖୋଲ ପରିଦର୍ଶନ କରିଥିଲେ। ପର୍ଯ୍ୟଟନ କ୍ଷେତ୍ରର ସୌନ୍ଦର୍ଯ୍ୟ ଓ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ସମଗ୍ର ଅଂଚଳକୁ ସମ୍ପୂର୍ଣ୍ଣ 'ପ୍ଲାଷ୍ଟିକ୍ ମୁକ୍ତ' ରଖିବା ପାଇଁ ବନ ବିଭାଗର ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ଏହି ସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତାକୁ ଯାନବାହାନ ଚଳାଚଳ ଉପଯୋଗୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ଏହାପରେ ଜିଲ୍ଲାପାଳ ତେତଲିଆବାହାଲ ଗ୍ରାମରେ ପହଂଚି ଗ୍ରାମବାସୀଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ଗ୍ରାମରେ କୌଣସି ଜଳାଶୟ ନଥିବାରୁ ଗ୍ରାମବାସୀଙ୍କ ଗାଧୋଇବା ତଥା ଗୃହପାଳିତ ପ୍ରାଣୀଙ୍କ ପାନୀୟ ଜଳ ପାଇଁ ଘୋର ସମସ୍ୟା ଉପୁଜୁଥିବା ଜଣାପଡ଼ିଥିଲା। ପୂର୍ବରୁ ଏଠାରେ ଯୋଜନା ଅଧୀନରେ ଏକ ଜଳାଶୟ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ପଥୁରିଆ ମାଟି ଯୋଗୁଁ କାର୍ଯ୍ୟ ବନ୍ଦ ରହିଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଡିଏମ୍ଏଫ୍ ପାଣ୍ଠି ଅଧୀନରେ ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଏକ ଆକଳନ ସହ ପ୍ରସ୍ତାବ ଦାଖଲ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ ଜିଲ୍ଲାପାଳ ପିକନିକ୍ ସ୍ପଟ୍ ଲାଲ୍ ପଥର ପରିଦର୍ଶନ କରିଥିଲେ। ଏହି ପର୍ଯ୍ୟଟନ ସ୍ଥଳୀକୁ ସ୍ୱଚ୍ଛ ଓ ପ୍ଲାଷ୍ଟିକ୍ ମୁକ୍ତ ରଖିବା ପାଇଁ ବଞ୍ଜାରୀ ସରପଂଚଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ସ୍ଥଳୀର ସୁରକ୍ଷା ପାଇଁ ଭାରୀ ଯାନବାହାନ ଚଳାଚଳ ରୋକିବା ନିମନ୍ତେ ବ୍ୟାରିକେଡ୍ ଲଗାଇବା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ତୁଲାଇବା ପାଇଁ ପର୍ଯ୍ୟଟକଙ୍କ ଠାରୁ ନିର୍ଦ୍ଦିଷ୍ଟ ଉପଭୋକ୍ତା ଶୁଳ୍କ ଆଦାୟ ବ୍ୟବସ୍ଥା ଲାଗୁ କରିବାକୁ ପରାମର୍ଶ



ଦେଇଥିଲେ। ପରିଶେଷରେ ଜିଲ୍ଲାପାଳ ପ୍ରସିଦ୍ଧ ଶୈବପୀଠ ଖାଡୁ ଗୁମ୍ଫା ପରିଦର୍ଶନ କରି ପ୍ରଭୁ ଶ୍ରୀ ଶିବଙ୍କ ଦର୍ଶନ କରିଥିଲେ। ଏହି ଧାର୍ମିକ ପର୍ଯ୍ୟଟନସ୍ଥଳୀକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବା ସହିତ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକମାନଙ୍କ ସୁଗମ ଯାତାୟାତ ପାଇଁ ଗୁମ୍ଫା ପର୍ଯ୍ୟନ୍ତ ଏକ ଉନ୍ନତ ରାସ୍ତା ନିର୍ମାଣ ନିମନ୍ତେ ପଂଚାୟତ ସହ ମିଳିତ ଭାବେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

## ଜୁଆ ଆଡ୍ଡା ଉପରେ ଚଢାଉ ୮ ଗିରଫ

ଜୟପୁର,୨୫/୧୦(ନି/ପ୍ର): ଜୁଆ ଖେଳ ଚାଲୁଥିବା ସୂଚନା ପାଇ ଜୟପୁର ସଦର ପୋଲିସ ବାରିଣିପୁଟ ଓ ଏକଟାଗୁଡା ରେ ଚଢାଉ କରିଛି । ଚଢାଉ କରି ୮ ଜଣ ଜୁଆଡ୍ଡି କୁ ଗିରଫ କରିଛି । ସୂଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ଏକଟାଗୁଡା ଜୁଆ ଖେଳ ଚାଲୁଥିବା ସୁଚନା ପାଇ ଚଢାଉ କରି ୨ ହଜାର ୮ ଶହ ୫୦ ଟଙ୍କା ଜବତ କରି ୪ ଜଣ ଜୁଆଡ୍ଡିକୁ ଗିରଫ କରିଛି । ସେହିପରି ବାରିଣିପୁଟରେ ଚଢାଉ କରି ୭ ହଜାର ୬ ଶହ ଟଙ୍କା ଜବତ କରି ୪ ଜଣ ଜୁଆଡ୍ଡି କୁ ଗିରଫ କରଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ରେଙ୍ଗାଲିରେ ସୁରକ୍ଷା ସମିତିର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

ସମ୍ବଲପୁର,୨୫/୧୦(ନି/ପ୍ର): ସମଲେଶ୍ୱରୀ ନର୍ସିଂ ହୋମ ପରିସରରେ 'ସୁରକ୍ଷା ସମିତି, ରେଙ୍ଗାଲି'ର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଯାଇଛି। ରେଙ୍ଗାଲି ଅଚଂଳର ଉନ୍ନତି ଓ ଜନହିତକୁ ଲକ୍ଷ୍ୟ ରଖି ସମିତି ଆଗାମୀ ଦିନରେ ବିଭିନ୍ନ ଲୋକହିତକର କାର୍ଯ୍ୟକ୍ରମ ହାତକୁ ନେବାକୁ ସ୍ଥିର କରିଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ କୋର କମିଟିର ସଦସ୍ୟ ଶରତ କୁମାର ସାହୁ, ଡ. ନରେଶ ସାହୁ, ବିରଚିଂ ବିଶ୍ୱାଳ, ମନୋଜ ନାୟକ, ଶୁକଦେବ ସାହୁ, ପିଟୁଂ ଅଗ୍ରୱାଲ, ନିରୋଦ ସିଂଦେଓ, ଲକ୍ଷ୍ମୀନାରାୟଣ ସାହୁ, ଡ. ସନ୍ତୋଷ ସିଂ, ପ୍ରଶାନ୍ତ ପଣ୍ଡା ଓ ଗଣେଶ ଶ୍ରୀଚନ୍ଦନଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।



## ବ୍ରଜରାଜନଗର ଓପନ୍ ଏୟାର୍ ଥିଏଟର୍ ଓ ନାଟ୍ୟ ପେଣ୍ଡାଲ୍‌ର ରୂପାନ୍ତରଣ :

### ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଏବଂ ଏମସିଏଲ ସିଏସଆର ପାଣ୍ଠିରୁ ପ୍ରାୟ ୩୯ ଲକ୍ଷ ଟଙ୍କା ବ୍ୟୟରେ ମାତ୍ର ୬ ମାସରେ କାର୍ଯ୍ୟ ସମ୍ପୂର୍ଣ୍ଣ

ଝାରସୁଗୁଡା,୨୫/୧୦(ନି/ପ୍ର): ବ୍ରଜରାଜନଗର ସହରର 'ଗୋଲେଇ ଛକ' ସ୍ଥିତ ପୁରାତନ ନାଟ୍ୟ ପେଣ୍ଡାଲ୍ ବା ଡ୍ରାମା ମଣ୍ଡପର ସଫଳ ରୂପାନ୍ତରଣ ହୋଇଯାଇଛି। ବ୍ରଜରାଜନଗର ପୌରପାଳିକାର ଏହି ସାଂସ୍କୃତିକ ଐତିହ୍ୟ ଦୀର୍ଘ ବର୍ଷ ଧରି ଜରାଜୀର୍ଣ୍ଣ, ଅବହେଳିତ ତଥା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ବେଳେ ଏବେ ତାହା ଏକ ସୁଦୃଶ୍ୟ 'ଓପନ୍ ଏୟାର୍ ଥିଏଟର୍' ଓ ଆଧୁନିକ ନାଟ୍ୟ ମଂଚ ଭାବେ ନୂତନ ରୂପ ଧାରଣ କରିଛି। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ଏବଂ ନିରନ୍ତର ତଦାରଖ ଓ ମାର୍ଗଦର୍ଶନ ଯୋଗୁଁ ଏହି ମହତ ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ ହୋଇ ସାଧାରଣ ଲୋକଙ୍କ ସେବାରେ ଉତ୍ସର୍ଗୀକୃତ ହୋଇଛି। ଏନେଇ ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଏବଂ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ)ର ସାମାଜିକ ଦାୟିତ୍ୱବୋଧ(ସିଏସଆର) ପାଣ୍ଠିର ମିଳିତ ସହଯୋଗରେ ସମୁଦାୟ ୩୯ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ପୌର ପ୍ରଶାସନର ତତ୍ପରତା ଯୋଗୁଁ ମାତ୍ର ୬ ମାସର ସ୍ୱଳ୍ପ ସମୟ ମଧ୍ୟରେ ଏହି ବିଶାଳ ପୁନରୁଦ୍ଧାର ତଥା ରୂପାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଛି। ଶ୍ରୀ ସ୍ୱାଇଁ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ଏହି ନବନିର୍ମିତ ଓପନ୍ ଏୟାର୍ ଥିଏଟର୍ ବ୍ରଜରାଜନଗର ଓ ଏହାର ଆଖପାଖ ଅଂଚଳରେ ଲୋକକଳା, ନାଟକ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଏକ ଉପଯୁକ୍ତ ମଂଚ ଯୋଗାଇବ। ଏହାସହ ନିକଟସ୍ଥ ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀ ତଥା ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ, ବୌଦ୍ଧିକ ଓ ଶିକ୍ଷଣୀୟ କାର୍ଯ୍ୟକ୍ରମ ପାଇଁ ଏହା ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିବ। ସହରର ପୁରାତନ ଗୌରବକୁ ଫେରାଇ ଆଣିବା ସହ ସ୍ଥାନୀୟ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବାରେ ଏହି ରୂପାନ୍ତରିତ ନାଟ୍ୟ ମଣ୍ଡପ ବିଶେଷ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।




## ଉନବିଂଶ ହେମନ୍ତ ମହୋତ୍ସବ

# ବିଖ୍ୟାତ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡିଶୀ କଣ୍ଠଶିଳ୍ପୀ ମୀନତି ପାଣିଗ୍ରାହୀଙ୍କୁ ହେମନ୍ତ ମହୋତ୍ସବ ସମ୍ମାନ




ରାଉରକେଲା,୨୫/୧୦(ନି/ପ୍ର): ଆର୍ଟ ଅଫ୍ ଲିଭିଂ ପରିବାର ପରିଚାଳିତ ପଶ୍ଚିମ ଓଡିଶାର ବିଖ୍ୟାତ କଳା ସଂସ୍କୃତି ଅନୁଷ୍ଠାନ ଶ୍ରୀ ସିଦ୍ଧି ଏକାଡେମୀ ଅଫ୍ ଆର୍ଟ ଆନୁକୁଲ୍ୟରେ ଉନବିଂଶ ହେମନ୍ତ ମହୋତ୍ସବ ସ୍ଥାନୀୟ ଭଞ୍ଜ ଭବନ ପ୍ରେକ୍ଷାଳୟ ରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ଅଧିବେଶନରେ ଗତ ଚାରି ଦିନ ଧରି ଜାରି ରହିଥିବା ଓଡିଶୀ ସଙ୍ଗୀତ କର୍ମଶାଳା ର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ଇସ୍ପାତ ଜେନେରାଲ୍ ହସ୍ପିଟାଲର ପ୍ରାକ୍ତନ ସ୍ତ୍ରୀ ରୋଗ ବିଭାଗ ମୁଖ୍ୟ ଡାଃ ପ୍ରତିଭା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ମହୋତ୍ସବ ର ସାନ୍ଧ୍ୟ ଅଧିବେଶନରେ ରାଉରକେଲା ଇସ୍ପାତ କାରଖାନା ର ନିର୍ବାହୀ ନିର୍ଦ୍ଦେଶକ(ପ୍ରକଳ୍ପ) ସୁଦୀପ୍ ପାଲ୍ ଚୌଧୁରୀ ମୁଖ୍ୟ ଅତିଥି, ଚୈତନ୍ୟ ବିଜ୍ଞାନ ମହାବିଦ୍ୟାଳୟର ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ମଲ୍ଲ , ସ୍ଥାନୀୟ ରାଜପଥ ମୋଟରସ ର ନିର୍ଦ୍ଦେଶକ ବିଶ୍ୱରଞ୍ଜନ ବେହୁରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଗଣଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଅନୁଷ୍ଠାନର ଉପାଧ୍ୟକ୍ଷ ଆର୍ଟ ଅଫ୍ ଲିଭିଂର ବରିଷ୍ଠ ପ୍ରଶିକ୍ଷକ ରଶ୍ମି ରଞ୍ଜନ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ତାଙ୍କ ଅଭିଭାଷଣ ରେ ପରମ ପୂଜ୍ୟ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ମାର୍ଗ ଦର୍ଶନରେ ସମଗ୍ର ବିଶ୍ୱରେ ଆର୍ଟ ଅଫ୍ ଲିଭିଂ କଳା ସଂସ୍କୃତି କ୍ଷେତ୍ରରେ ଯେଉଁ ଯେଉଁ ଉଲ୍ଲେଖନୀୟ ଅବଦାନ ଦେଇଛନ୍ତି ତାର ବର୍ଣ୍ଣନା କରିଥିଲେ ଏବଂ ଉତ୍କଳୀୟ ଗାନ୍ଧର୍ବ କଳାର ପ୍ରୋତ୍ସାହନ ଦିଗରେ ଶ୍ରୀ ସିଦ୍ଧି ଏକାଡେମୀ ଅଫ୍ ଆର୍ଟ ଯେଉଁ ସବୁ ନିରବିଚ୍ଛିନ୍ନ ପ୍ରୟାସ କରି ଆସିଛି ତାର ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ପାଲ୍ ଚୌଧୁରୀ କଳା ସଂସ୍କୃତି କ୍ଷେତ୍ରରେ ଶ୍ରୀ ଶ୍ରୀ ସିଦ୍ଧି ଏକାଡେମୀ ଅଫ୍ ଆର୍ଟ ର ଅବଦାନ ର ଉଚ୍ଚ ପ୍ରଶଂସା କରି ଥିଲେ । ପ୍ରତି ବର୍ଷ ଭଳି ଏ ବର୍ଷ ମଧ (କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ର ଦୁଇ ଜଣ ବିଶିଷ୍ଟ କଳାକାର ଙ୍କୁ ହେମନ୍ତ ମହୋତ୍ସବ ସମ୍ମାନ ପ୍ରଦାନ କରା ଯାଇଛି । ଭୁବନେଶ୍ୱରର ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ପଶ୍ଚିମ ଓଡିଶାର ପ୍ରସିଦ୍ଧ ଓଡିଶୀ କଣ୍ଠଶିଳ୍ପୀ ମୀନତି ପାଣିଗ୍ରାହୀ ଙ୍କୁ ଏବର୍ଷ ର ହେମନ୍ତ ମହୋତ୍ସବ ସମ୍ମାନ ପ୍ରଦାନ କରାଯାଇଛି ।

# ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ, ପୁଲିସକୁ ହସ୍ତାନ୍ତର କଲେ ଅସ୍ତ୍ରଶସ୍ତ୍ର



କୋଇଡା,୨୫/୧୦(ନି/ପ୍ର): ମୁଣ୍ଡ ଉପରେ ମୋଟ ୭ ଲକ୍ଷ ଟଙ୍କାର ପୁରସ୍କାର ଥିବା ମାଓବାଦୀ ଦମ୍ପତି ଶୁକ୍ରବାର କୋଲକାତା ପୁଲିସ କମିସନର ଅଜୟ କୁମାର ନନ୍ଦଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି । ଏହି ଅବସରରେ ସେମାନେ ନିଜ ନିଜ ଅସ୍ତ୍ରଶସ୍ତ୍ର ମଧ ହସ୍ତାନ୍ତର କରିଥିଲେ । ଆତ୍ମସମର୍ପଣ କରିଥିବା ଦମ୍ପତି ହେଲେ ମଙ୍ଗଳ ଓ ମାଳତୀ । ଉଭୟ ପଶ୍ଚିମବଙ୍ଗର ବାସିନ୍ଦା ହୋଇଥିବା ବେଳେ ଝାଡ଼ଖଣ୍ଡରେ ମାଓବାଦୀ କାର୍ଯ୍ୟକଳାପରେ ସକ୍ରିୟ ଥିଲେ । ଝାଡ଼ଖଣ୍ଡ ପୁଲିସ ମଙ୍ଗଳଙ୍କ ଗିରଫଦାରୀ ପାଇଁ ୫ ଲକ୍ଷ ଟଙ୍କା ଏବଂ ମାଳତୀଙ୍କ ପାଇଁ ୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲା । ପୁଲିସ କମିସନର ଶ୍ରୀ ନନ୍ଦଙ୍କ ସୂଚନା ଅନୁଯାୟୀ, ମଙ୍ଗଳ ପଶ୍ଚିମ ମେଦିନୀପୁର ଜିଲ୍ଲାର ଶାଲବଣୀ ଅଚଂଳର ବାସିନ୍ଦା । ସେହିପରି ମାଳତୀ ଝାଡ଼ଗ୍ରାମ ଜିଲ୍ଲାର ଗୋପୀବଲ୍ଲଭପୁର ଅଚଂଳର । ପରବର୍ତ୍ତୀ ସମୟରେ ଉଭୟ ଝାଡ଼ଖଣ୍ଡକୁ ଯାଇ ସାରଣ୍ଡା ଜଙ୍ଗଲ ଅଚଂଳରେ ମାଓବାଦୀ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିଲେ ।

# ୨୦୨୭ ଫେବୃଆରୀ ୭ ତାରିଖରେ ୟୁଜିଆଇଇ ଆଲୁମନି ଆସୋସିଏସନର ୟୁଜିଆଇଇ ଟେକନୋଭା- ୨୦୨୭



ରାଉରକେଲା,୨୫/୧୦(ନି/ପ୍ର): ୟୁଜିଆଇଇ ଆଲୁମନି ଆସୋସିଏସନ୍ ପକ୍ଷରୁ ବହୁ ପ୍ରତୀକ୍ଷିତ ୟୁଜିଆଇଇ ଟେକନୋଭା-୨୦୨୭, ଫେବୃଆରୀ ୭ ତାରିଖରେ ୟୁଜିଆଇଇ ପରିସରରେ ସକାଳ ୧୦ଟାରୁ ଦିନବ୍ୟାପୀ ଆୟୋଜିତ ହେବ ବୋଲି ଆଜି ୟୁଜିଆଇଇ ଅଡିଟୋରିୟମରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏହି ମହୋତ୍ସବ ପୂର୍ବତନ ଛାତ୍ରଛାତ୍ରୀଙ୍କ ଏକତା, ବୈଷୟିକ ନବସୃଜନ, ଶିକ୍ଷାଗତ ଉତ୍କର୍ଷ, ସାଂସ୍କୃତିକ ବିବିଧତା ଓ ଅନୁଷ୍ଠାନର ଗୌରବମୟ ପରମ୍ପରାର ଏକ ଭବ୍ୟ ଉତ୍ସବ ଭାବରେ ଆୟୋଜିତ ହେବ ବୋଲିସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ୟୁଜିଆଇଇ ଟେକନୋଭା- ୨୦୨୭ର ପ୍ରମୁଖ ଆକର୍ଷଣ ରହିବ ଛାତ୍ରଛାତ୍ରୀଙ୍କ ବୈଷୟିକ ପ୍ରକଳ୍ପ ପ୍ରଦର୍ଶନୀ - ଇନୋଭେଟ ୟୁଜିଆଇଇ - ଆଜିର ନବସୃଜନ, ଆସନ୍ତାକାଲିର ଇଞ୍ଜିନିୟରିଂ । ଆଲୁମନି ମିଟ୍ ୟୁଜିଆଇଇ ଟେକନୋଭା- ୨୦୨୭ର ଏକ ପ୍ରମୁଖ ଆକର୍ଷଣ ହେବ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବୈଷୟିକ ପ୍ରକଳ୍ପ, ଇଞ୍ଜିନିୟରିଂ ମଡେଲ୍ ଓ ଅଭିନବ ସମାଧାନର ପ୍ରଦର୍ଶନୀ । ଏଥିସହିତ ୟୁଜିଆଇଇର ପୂର୍ବତନ ଛାତ୍ରଛାତ୍ରୀଙ୍କ ପୁଅ ଓ ଝିଅମାନଙ୍କ ମଧ୍ୟରୁ ଯେଉଁମାନେ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି, ସେମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବା ପାଇଁ ୟଙ୍ଗ୍ ଯେଚିଭର-୨୦୨୭ ଆକର୍ଷଣ ରହିବ । ନିଜ ନିଜ ବୃତ୍ତିଗତ କ୍ଷେତ୍ର ଓ ସମାଜ ପାଇଁ ଉଲ୍ଲେଖନୀୟ ଅବଦାନ ରଖିଥିବା ୟୁଜିଆଇଇର ପ୍ରମୁଖ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବା ପାଇଁ 'ଉତ୍କର୍ଷର ସମ୍ମାନ ପିଢି ପାଇଁ ପ୍ରେରଣା' ପ୍ରଦାନ କରାଯିବ ବୋଲି ୟୁଜିଆଇଇ ଆଲୁମନି ଆସୋସିଏସନ ପକ୍ଷରୁ କୁହାଯାଇଛି । ସେହିପରି ଶିଳ୍ପ, ବାଣିଜ୍ୟ, ନିଯୁକ୍ତି ସୃଷ୍ଟି ଓ ସ୍ଥାନୀୟ ଅର୍ଥନୈତିକ ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଥିବା ରାଉରକେଲାର ଉଦ୍ୟୋଗୀମାନଙ୍କୁ ରାଉରକେଲା ଉଦ୍ୟୋଗ ରତ୍ନ ସମ୍ମାନରେ ସମ୍ମାନିତ କରାଯିବ । ପୂର୍ବତନ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନଯାତ୍ରାରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନ ଜଣାଇ ଏକ ସ୍ୱତନ୍ତ୍ର ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆଲୁମନି ସାଥି ସମ୍ପର୍କ ଓ ସହଭାଗିତାର ଉତ୍ସବ ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି । ତାଳରେ ଏକତା ୟୁଜିଆଇଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଖୋଜିବା ଓ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠାନର ବିଭିନ୍ନ ବିଭାଗ ମଧ୍ୟରେ ଏକ ଗ୍ରୁପ୍ ଡ୍ୟାନ୍ସ ପ୍ରତିଯୋଗିତା ୟୁଜିଆଇଇ ଡ୍ୟାନ୍ସ ଫ୍ୟୁଜନ ୨୦୨୭ ଆୟୋଜନ କରାଯିବ । ଏଥିସହିତ ୟୁଜିଆଇଇର ବିଭିନ୍ନ ପରୀକ୍ଷାରେ ଶୀର୍ଷ ସ୍ଥାନ ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଉତ୍କୃଷ୍ଟ ଶିକ୍ଷାଗତ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯିବ । ଆଲୁମନି ମିଟ୍ ପ୍ରସ୍ତୁତି ସହିତ ୟୁଜିଆଇଇ ଆଲୁମନି ଆସୋସିଏସନ୍ ଅନୁଷ୍ଠାନର ସାମଗ୍ରିକ ବିକାଶ ଓ ଆଧୁନିକିକରଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଆସୁଛି । ୟୁଜିଆଇଇ ଆଲୁମନି ଆସୋସିଏସନ୍ ? ପୃଷ୍ଠପୋଷକ ଇଂ ବିଶେଶ୍ୱର ଟୁଡୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସହ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରି ୟୁଜିଆଇଇର ବିକାଶ ସମ୍ପର୍କିତ ବିଭିନ୍ନ ଆବଶ୍ୟକତା ଓ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ । ସେହି ଆଲୋଚନା ଫଳପ୍ରଦ ଓ ଉତ୍ସାହଜନକ ରହିଥିଲା ଏବଂ ଅନୁଷ୍ଠାନର ବିକାଶମୂଳକ ପ୍ରାଥମିକତାଗୁଡ଼ିକ ସମ୍ପର୍କରେ ସକାରାତ୍ମକ ପ୍ରତିକ୍ରିୟା ମିଳିଥିଲା ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି ୟୁଜିଆଇଇ ପରିସରରେ ପୂର୍ବରୁ ଥିବା ଛୋଟ ପ୍ରତିମୂର୍ତ୍ତି ବଦଳରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ୨୦୨୬ ଅକ୍ଟୋବର ୧ରେ ସହଯୋଗ ଲୋଡ଼ିଥିଲେ । ମନ୍ତ୍ରୀ ଏହି ପ୍ରସ୍ତାବ ପ୍ରତି ସକାରାତ୍ମକ ମନୋଭାବ ପ୍ରକାଶ କରିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ତୁରନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଆସୋସିଏସନ୍ ଆଶା ପ୍ରକାଶ କରିଛି ଯେ ପ୍ରତିମୂର୍ତ୍ତି ନିର୍ଦ୍ଧାରିତ ସମୟରେ ପହଞ୍ଚିବ ଏବଂ ଏହାର ସ୍ଥାପନା ଓ ଉଦ୍ଘାଟନ ୨୦୨୭ ଫେବୃଆରୀ ୭ ତାରିଖରେ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ୟୁଜିଆଇଇରେ ବଢୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା, ବିସ୍ତାରିତ ଶିକ୍ଷାଗତ ଆବଶ୍ୟକତା ଓ ଭବିଷ୍ୟତର ଭିତ୍ତିଭୂମି ବିକାଶକୁ ଦୃଷ୍ଟିରେ ରଖି ଆସୋସିଏସନ୍ ପକ୍ଷରୁ ଏକ ସମ୍ପୂର୍ଣ୍ଣ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ପାଇଁ ପ୍ରୟାସ କରାଯାଇଛି । ଏଥିପାଇଁ ଆସୋସିଏସନର ପୃଷ୍ଠପୋଷକ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ ଜୁଏଲ ଓରାମ ଏବଂ ପୃଷ୍ଠପୋଷକ ରାଉରକେଲା ବିଧାୟକ ଇଂ ସାରଦା ପ୍ରସାଦ ନାୟକଙ୍କୁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ପାଇଁ ଜଣେ ପରାମର୍ଶଦାତା ନିଯୁକ୍ତ କରିବା ନିମନ୍ତେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଉଭୟ ପୃଷ୍ଠପୋଷକ ଏ ବିଷୟରେ ଆଗ୍ରହ ପ୍ରକାଶ କରିବା ସହ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ପତ୍ର ଲେଖିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣେ ପରାମର୍ଶଦାତା ନିଯୁକ୍ତ ହୋଇଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ଆସୋସିଏସନ୍ ପକ୍ଷରୁ ଆଶା ପ୍ରକାଶ କରାଯାଇଛି ଯେ, ଖୁବ ଶୀଘ୍ର ଏହି ମାଷ୍ଟର ପ୍ଲାନ୍ ଚୂଡ଼ାନ୍ତ ହୋଇ ୟୁଜିଆଇଇକୁ ମିଳିବ ଏବଂ ଏହା ଅନୁଷ୍ଠାନର ଭବିଷ୍ୟତ ସମ୍ପ୍ରସାରଣ ଓ ଭିତିଭୂମି ବିକାଶ ପାଇଁ ଏକ ସୁସଂଗଠିତ ରୂପରେଖ ପ୍ରଦାନ କରିବ ବୋଲି ସୂଚନା ଦିଆଯାଇଛି । ୟୁଜିଆଇଇର ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଭ୍ରମଣ ଶିକ୍ଷାନୁଷ୍ଠାନ ପରିଦର୍ଶନ ଷ୍ଟଡି ଟୁର୍ ଏବଂ ଅନ୍ୟାନ୍ୟ ଶୈକ୍ଷୀକ କାର୍ଯ୍ୟକ୍ରମକୁ ସୁଗମ କରିବା ପାଇଁ ଆସୋସିଏସନ ପକ୍ଷରୁ ସୁନ୍ଦରଗଡ ଜିଲ୍ଲାପାଳଙ୍କୁ ଏକ ୪୦ ଆସନ ବିଶିଷ୍ଟ ବସ୍ ଯୋଗାଇ ଦେବା ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଏହି ପ୍ରସ୍ତାବ ପ୍ରତି ସକାରାତ୍ମକ ମନୋଭାବ ପ୍ରକାଶ କରିବା ସହ ବସ୍ ଯୋଗାଇଦେବାକୁ ସମ୍ମତି ଜଣାଇଛନ୍ତି ବୋଲିସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ପୂର୍ବତନ ଛାତ୍ରଛାତ୍ରୀ, ବିଶିଷ୍ଟ ବ୍ୟକ୍ତିବିଶେଷ, ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା, ଗଣମାଧ୍ୟମ ପ୍ରତିନିଧି ଓ ଶୁଭେଚ୍ଛୁମାନଙ୍କୁ ୟୁଜିଆଇଇ ଟେକନୋଭା ୨୦୨୭ ଆୟୋଜନରେ ଯୋଗଦେବା ପାଇଁ ୟୁଜିଆଇଇ ଆଲୁମନି ଆସୋସିଏସନ୍ ପକ୍ଷରୁ ଅନୁରୋଧ କରାଯାଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ୟୁଜିଆଇଇ ଆଲୁମନି ଆସୋସିଏସନର ସଭାପତି ତ୍ରୈଲୋଚନ ସାମଲ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଣ୍ଡା, ଜିତେନ୍ଦ୍ର ଶତପଥୀ, ଲଳିତେନ୍ଦୁ ମିଶ୍ର, ପ୍ରଭାତ ତ୍ରିପାଠୀ, ରଞ୍ଜିତ ଦାସ, ଶଶୀକାନ୍ତ ବେହେରା, ଅମର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆସୋସିଏସନ ପକ୍ଷରୁ ଏକ ପୋଷ୍ଟର ଉନ୍ମୋଚନ କରାଯାଇଥିଲା ।

# ମାକ୍ସ ମୁଲର ଭବନରେ ସଂଗୀତମୟ ସନ୍ଧ୍ୟା 'ଟାଇମଲେସ୍ ୱିସ୍ପର୍ସ' ଅନୁଷ୍ଠିତ




ରାଉରକେଲା,୨୫/୧୦(ନି/ପ୍ର): ରାଉରକେଲା ସୋସିଆଲ ଏଣ୍ଡ କଲଚରାଲ ଟ୍ରଷ୍ଟ ଏବଂ ମାକ୍ସ ମୁଲର ଭବନ ସେକ୍ଟର-୨, ରାଉରକେଲା ମିଳିତ ଆନୁକୂଲ୍ୟରେ ଏକ ମନୋରମ ସାଂସ୍କୃତିକ ସଂଗୀତ କାର୍ଯ୍ୟକ୍ରମ 'ଟାଇମଲେସ୍ ୱିସ୍ପର୍ସ' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଏମଏମବିର ସଚିବ ତଥା ଆରଏସପିର ସିଜିଏମ୍ ଟି.ଜି. କାନେକରଙ୍କ ପରିକଳ୍ପନା ଥିଲା । ସେ ସ୍ୱାଗତ ଭାଷଣ ଦେଇ ଅନୁଷ୍ଠାନର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସଂଗୀତ ସନ୍ଧ୍ୟାରେ ରାଉରକେଲାର ବିଭିନ୍ନ ସ୍କୁଲ ଓ କଲେଜ ଯଥା - ଡିପିଏସ, ଡେମ୍ସ, ଏସକେଡିଏଭି, ଜିଏନପିଏସ ଏବଂ ସ୍ୱାଧୀନ କଳାକାରମାନଙ୍କ ମଧ୍ୟରୁ ପ୍ରାୟ ୩୦ ଜଣ ପ୍ରତିଯୋଗୀ ଇଂରାଜୀ, ହିନ୍ଦୀ, ଓଡ଼ିଆ ଓ ବଙ୍ଗଳା ଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏହି ଅବସରରେ ବିଚାରକ ମଣ୍ଡଳୀରେ ଟି.ଜି. କାନେକର, ବି.କେ. ସିଂହ ସିଜିଏମ୍ ଆରଏସପି ଓ ଟ୍ରଷ୍ଟି, ଡା. ପଦ୍ମିନୀ ପାଣିଗ୍ରାହୀ, ପଲ୍ଲବ ଚାଟାର୍ଜୀ, ଡା. ଅଞ୍ଜନା ମୈତ୍ର ଏବଂ ଅଜୟ ଦାସ ଉପସ୍ଥିତ ଥିଲେ । ଶ୍ରୀ କାନେକର ଏବଂ ଶ୍ରୀ ଚାଟାର୍ଜୀ ମଧ ଦୁଇଟି ଇଂରାଜୀ ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଡିପିଏସର ଲଗ୍ନା ଲାବଣ୍ୟା ଓ ମେଧା ତ୍ରିପାଠୀ ସଂଯୋଜନା କରିଥିବା ବେଳେ ପଲ୍ଲବ ଚାଟାର୍ଜୀ ଆୟୋଜନରେ ସହଯୋଗ କରିଥିଲେ । ଶେଷରେ ଡା. ଅଞ୍ଜନା ମୈତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଂଗୀତ ସନ୍ଧ୍ୟାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଭିଭାବକ, ପ୍ରଧାନ ଶିକ୍ଷକ, ଏମଏମବିର କର୍ମଚାରୀ ଏବଂ ପ୍ରତିଭା କୁମ୍ଭାରଙ୍କ ନେତୃତ୍ୱରେ ଅତିଥିମାନେ ସର୍ବଶ୍ରୀ ଜଳଧର ମହାପାତ୍ର ଓ ବିଭିନ୍ନ ବିଦ୍ୟାଳୟର ପ୍ରମୁଖ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମନସ୍ୱିନୀ,ଅନୁସୂୟା,ପ୍ରତିଭା ପ୍ରମୁଖ ସହଯୋଗ କରିଥିଲେ ।

## ଖଟିବାକୁ କର୍ଣ୍ଣାଟକ ଯାଇଥିଲେ ସୁନ୍ଦରଗଡ଼ର ବ୍ୟକ୍ତି

# ଜନ୍ମମାଟିକୁ ଫେରିଲା ମୃତଦେହ



ବାଲିଶଙ୍କରା,୨୫/୧୦(ନି/ପ୍ର): ପରିବାରର ଅଭାବ ଅନଟନ ଦୂର କରିବାକୁ କର୍ଣ୍ଣାଟକ ଖଟିବାକୁ ଯାଇଥିଲେ । ହେଲେ ଦୁଇ ମାସ ନ ପୂରୁଣୁ ଘରକୁ ଫେରିଲା ତାଙ୍କ ମୃତଦେହ । କର୍ଣ୍ଣାଟକର ମେଙ୍ଗାଲୁରୁରେ ସମୁଦ୍ରରେ ପଡ଼ି ମୃତ୍ୟୁବରଣ କରିଥିବା ସୁନ୍ଦରଗଡ଼ ଜିଲ୍ଲା ତଲସରା ଥାନା ଅନ୍ତର୍ଗତ ଖମପୁର ଗ୍ରାମ ଖଡ଼ିଆପଡ଼ାର ସୁଧର ନାଏକ (୪୦)ଙ୍କ ମୃତଦେହ ଶୁକ୍ରବାର ଗାଁରେ ପହଚିଂବା ପରେ ଅଚଂଳରେ ଶୋକର ଛାୟା ଖେଳିଯାଇଛି । କର୍ମ ସଂସ୍ଥାନର ଅଭାବ ଯୋଗୁଁ ତଥା ପରିବାର ପାଳିବା ପାଇଁ ଓଡ଼ିଶାର ଲକ୍ଷ୍ୟ ଲକ୍ଷ୍ୟ ଲୋକ ବାହାର ରାଜ୍ୟକୁ ଯାଉଛନ୍ତି । ସେମାନଙ୍କର ମଧ୍ୟରୁ ଅନେକ ଲୋକ ଆଉ ଜୀବିତ ଫେରୁ ନାହିଁ । ସରକାର ମଧ ନିଦାବିଷ୍ଟୁ ସାଜିଛନ୍ତି । ସୁଧର ନାଏକ ପରିବାରର ଆର୍ଥିକ ଦୁରବସ୍ଥା ଯୋଗୁଁ ଦୁଇ ମାସ ପୂର୍ବେ କର୍ଣ୍ଣାଟକର ମେଙ୍ଗାଲୁରୁମଚ ଖଟିବାକୁ ଯାଇଥିଲେ । ସେଠାରେ ଜେଡିଏସ୍ କମ୍ପାନିରେ ମାଛ ଧରାଳି ଭାବେ କାମ କରୁଥିଲେ । ଗତ ୨୦ ତାରିଖ ଦିନ ବୋଟ୍‌ରେ କାମ କରୁଥିବା ସମୟରେ ଗୋଡ଼ ଖସିଯିବାରୁ ସେ ସମୁଦ୍ରରେ ପଡ଼ିଯାଇଥିଲେ । ସାଥୀ ଶ୍ରମିକମାନେ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇନଥିଲେ । ଗତ ୨୨ ତାରିଖ ଗୁରୁବାର ସକାଳ ପ୍ରାୟ ୭ଟାରେ ସମୁଦ୍ରକୂଳରେ ତାଙ୍କ ମୃତଦେହ ଠାବ ହୋଇଥିଲା । ପରେ ସାଥୀ ଶ୍ରମିକମାନେ ପହଚିଂ ମୃତଦେହ ଚିହ୍ନଟ କରିଥିଲେ । ଆର୍ଥିକ ଅଭାବ ଯୋଗୁଁ ପରିବାରଲୋକେ ମେଙ୍ଗାଲୁରୁ ଯାଇ ମୃତଦେହ ଆଣିବାକୁ ଅସମର୍ଥ ହୋଇଥିଲେ । ଶେଷରେ କମ୍ପାନି ମାଲିକ ଓ ସାଥୀ ଶ୍ରମିକଙ୍କ ମିଳିତ ଉଦ୍ୟମରେ ଆର୍ଥିକ ସହାୟତା ଯୋଗାଡ଼ କରାଯାଇ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁକୁ ଅଣାଯାଇଥିଲା । ସୁଧରଙ୍କ ପରିବାରରେ ମୋଟ ୧୨ ଜଣ ସଦସ୍ୟ ଅଛନ୍ତି । ତାଙ୍କ ପତ୍ନୀଙ୍କ ଚାରି ବର୍ଷ ପୂର୍ବେ ମୃତ୍ୟୁ ହୋଇଥିବାବେଳେ ତାଙ୍କର ଚାରି ପୁଅ ଓ ଗୋଟିଏ ଝିଅ ଅଛନ୍ତି । ସେମାନଙ୍କ ମଧ୍ୟରୁ ତିନି ପୁଅ ଓ ଝିଅଙ୍କ ବିବାହ ସରିଛି ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ରାଉରକେଲା ହାଫ୍ ମାରାଥନ୍‌ର ଦ୍ୱିତୀୟ ସଂସ୍କରଣ ଆୟୋଜିତ ହେବ




ରାଉରକେଲା,୨୫/୧୦(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି) ପକ୍ଷରୁ ରାଉରକେଲା ହାଫ୍ ମାରାଥନ୍‌ର ପ୍ରଥମ ସଂସ୍କରଣର ବିପୁଳ ସଫଳତା ପରେ, ସେଲ୍ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଜାନୁଆରୀ ୨୪ ତାରିଖ ରେ ରାଉରକେଲା ହାଫ୍ ମାରାଥନ୍-୨୦୨୭ ଦ୍ୱିତୀୟ ସଂସ୍କରଣ ଆୟୋଜିତ ହେବାକୁ ଯାଉଛି । ସମୃଦ୍ଧି ପାଇଁ ଦୌଡ଼ଢଲ୍ଲଙ୍କଙ୍ଗ୍ସ; ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ରାଉରକେଲା ଓ ଏହାର ଆଖପାଖ ଅଚଂଳର ଲୋକଙ୍କ ମଧ୍ୟରେ ଫିଟନେସ୍, ସାମୁଦାୟିକ ଭାବନା ଏବଂ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏ . ଅ । ଇ . ଏ ମ . ଏ ସ (ଆସୋସିଏସନ୍ ଅଫ୍ ଇଣ୍ଟରନ୍ୟାସନାଲ୍ ମାରାଥନ୍ସ ଆଣ୍ଡ ଡିଷ୍ଟାନ୍ସ ରେସେସ୍) ଦ୍ୱାରା ପ୍ରମାଣିତ ଏହି ମାରାଥନ୍‌ଟି ବିଶ୍ୱସ୍ତରୀୟ ମାନଦଣ୍ଡ ଅନୁଯାୟୀ ପ୍ରସ୍ତୁତ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭିନ୍ନ ଭିନ୍ନ ବୟସ ବର୍ଗ ଏବଂ ଦକ୍ଷତାର ବ୍ୟକ୍ତିମାନଙ୍କୁ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବାକୁ ଏହି ମାରାଥନ୍‌ରେ ଚାରୋଟି ଦୌଡ଼ ବର୍ଗ ରଖାଯାଇଛି: କ) ୨୧.୧ କିଲୋମିଟର (ହାଫ୍ ମାରାଥନ୍) – ଜବୟସ ବର୍ଗ (୧୮-୪୫) (୪୫ ବର୍ଷରୁ ଉର୍ଦ୍ଧ୍ୱ)ଙ୍କ ଖ) ୧୦ କିଲୋମିଟର – ପୁରୁଷ ଓ ମହିଳା ଜବୟସ ବର୍ଗ (୧୮-୪୫) (୪୫ ବର୍ଷରୁ ଉର୍ଦ୍ଧ୍ୱ)ଙ୍କ ଗ) ୫ କିଲୋମିଟର – ପୁରୁଷ ଓ ମହିଳା ଜବୟସ ବର୍ଗ (୧୮ ବର୍ଷରୁ କମ୍) (୧୮-୪୫) (୪୫ ବର୍ଷରୁ ଉର୍ଦ୍ଧ୍ୱ)ଙ୍କ ଘ) ୨ କିଲୋମିଟର – ଭିନ୍ନକ୍ଷମ ପ୍ରତିଯୋଗୀ (ସମସ୍ତ ବୟସର ଓପନ୍ କ୍ୟାଟେଗୋରୀ) ମାରାଥନ୍‌ର ବିଭିନ୍ନ ବର୍ଗ ପାଇଁ ଅନଲାଇନ୍ ପଞ୍ଜୀକରଣ ଆରମ୍ଭ ହୋଇସାରିଛି । ପୂର୍ବ ସଂସ୍କରଣ ଭଳି ଏହି ମାରାଥନ୍‌ରେ ମଧ ସେଲ୍ କର୍ମଚାରୀ, ସେମାନଙ୍କ ପରିବାର ଏବଂ ସାରା ଦେଶରୁ ଫିଟନେସ୍ ପ୍ରେମୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି । ସମସ୍ତ ବର୍ଗର ବିଜେତାମାନଙ୍କ ପାଇଁ ମୋଟ ୭,୦୦,୦୦୦/- ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଛି । ୨୧.୧ କିଲୋମିଟର ବର୍ଗରେ ୧୮-୪୫ ବୟସ ବର୍ଗର ପୁରୁଷ ଓ ମହିଳା ପ୍ରଥମ ପୁରସ୍କାର ବିଜେତାଙ୍କୁ ୫୧,୦୦୦/- ଟଙ୍କା ଏବଂ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ବିଜେତାଙ୍କୁ ଯଥାକ୍ରମେ ୩୧,୦୦୦/- ଟଙ୍କା ଓ ୨୧,୦୦୦/- ଟଙ୍କା ପ୍ରଦାନ କରାଯିବ । ଏହି ବର୍ଗର ପରବର୍ତ୍ତୀ ୫ ଜଣ ବିଜେତାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ସ୍ୱରୂପ ୧,୦୦୦/- ଟଙ୍କା ଲେଖାଏଁ ଦିଆଯିବ । ସେହିପରି, ୨୧.୧ କିଲୋମିଟର ବର୍ଗରେ ୪୫ ବର୍ଷରୁ ଉର୍ଦ୍ଧ୍ୱର୍ ବୟସ ବର୍ଗର ପୁରୁଷ ଓ ମହିଳା ପ୍ରଥମ ପୁରସ୍କାର ବିଜେତାଙ୍କୁ ୩୧,୦୦୦/- ଟଙ୍କା ଏବଂ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ବିଜେତାଙ୍କୁ ଯଥାକ୍ରମେ ୨୧,୦୦୦/- ଟଙ୍କା ଓ ୧୫,୦୦୦/- ଟଙ୍କା ପ୍ରଦାନ କରାଯିବ । ଏହି ବର୍ଗର ପରବର୍ତ୍ତୀ ୫ ଜଣ ବିଜେତାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ସ୍ୱରୂପ ୧,୦୦୦/- ଟଙ୍କା ଲେଖାଏଁ ଦିଆଯିବ । ୧୦ କିଲୋମିଟର ବର୍ଗରେ ଉଭୟ ବୟସ ବର୍ଗର ପୁରୁଷ ଓ ମହିଳା ପ୍ରଥମ ପୁରସ୍କାର ବିଜେତାଙ୍କୁ ୨୧,୦୦୦/- ଟଙ୍କା ଏବଂ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ବିଜେତାଙ୍କୁ ଯଥାକ୍ରମେ ୧୧,୦୦୦/- ଟଙ୍କା ଓ ୭,୧୦୦/- ଟଙ୍କା ପ୍ରଦାନ କରାଯିବ । ପରବର୍ତ୍ତୀ ୫ ଜଣ ବିଜେତାଙ୍କୁ ୭୫୦/- ଟଙ୍କାର ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯିବ । ୫ କିଲୋମିଟର ବର୍ଗରେ ସମସ୍ତ ବୟସ ବର୍ଗର ପୁରୁଷ ଓ ମହିଳା ପ୍ରଥମ ପୁରସ୍କାର ବିଜେତାଙ୍କୁ ୫,୧୦୦/- ଟଙ୍କା ଏବଂ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ବିଜେତାଙ୍କୁ ଯଥାକ୍ରମେ ୩,୧୦୦/- ଟଙ୍କା ଓ ୨,୧୦୦/- ଟଙ୍କା ପ୍ରଦାନ କରାଯିବ । ପରବର୍ତ୍ତୀ ୫ ଜଣ ବିଜେତା ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୫୦୦/- ଟଙ୍କା ପାଇବେ । ୨ କିଲୋମିଟର ଦୌଡ଼ର ଭିନ୍ନକ୍ଷମ ବର୍ଗରେ ପ୍ରଥମ ତିନିଜଣ ବିଜେତାଙ୍କୁ ଯଥାକ୍ରମେ ୫,୧୦୦ /- ଟଙ୍କା, ୩,୧୦୦/- ଟଙ୍କା ଏବଂ ୨,୧୦୦/- ଟଙ୍କା ପ୍ରଦାନ କରାଯିବ ଏବଂ ପରବର୍ତ୍ତୀ ୫ ଜଣ ବିଜେତାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୫୦୦/- ଟଙ୍କା ଲେଖାଏଁ ଦିଆଯିବ । ଏହା ବ୍ୟତୀତ, ଶ୍ରେଷ୍ଠ ୧୦ ଜଣ ଗ୍ରାମୀଣ ପ୍ରତିଯୋଗୀଙ୍କୁ ପ୍ରତ୍ୟେକଙ୍କୁ ୫,୦୦୦/- ଟଙ୍କା ଲେଖାଏଁ ମିଳିବ, ଯେତେବେଳେ କି ପରବର୍ତ୍ତୀ ୨୦ ଜଣ ଗ୍ରାମୀଣ ପ୍ରତିଯୋଗୀଙ୍କୁ ୧,୦୦୦/- ଟଙ୍କା ମୂଲ୍ୟର ଉପହାର ପ୍ରଦାନ କରାଯିବ । ଯୁବ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରେଷ୍ଠ ୧୦ ଜଣ ଗ୍ରାମୀଣ ସ୍କୁଲ ଛାତ୍ରଛାତ୍ରୀଙ୍କୁ ମଧ ପ୍ରତ୍ୟେକଙ୍କୁ ୧,୫୦୦/- ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ମାରାଥନ୍ ଶେଷ କରୁଥିବା ପ୍ରତ୍ୟେକ ଧାବକଙ୍କୁ ଏକ ପଦକ (ମେଡାଲ୍) ଏବଂ ଡିଜିଟାଲ୍ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ହାଫ୍ ମାରାଥନ୍ ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମ୍ ?ରୁ ସକାଳ ୬:୦୦ ଟାରେ ପର୍ଯ୍ୟାୟକ୍ରମେ ଆରମ୍ଭ ହେବ । ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ଜର୍ସି ସହିତ ଅ । ର ଏ ଫ ଅ । ଇ ଡି (ଆର.ଏଫ.ଆଇ.ଡି) ଚିପ୍ ଯୁକ୍ତ ବିବ୍ସ (ବି.ଆଇ.ବି.ଏସ) ପ୍ରଦାନ କରାଯିବ । ସ୍ୱଚ୍ଛ ଅଂଶଗ୍ରହଣ ଏବଂ ସଠିକତା ପାଇଁ ଟ୍ରାକିଂ ସଫ୍ଟୱେର ଡ୍ରୋନ୍ ଏବଂ ଚେକ୍ ପଏଂଟ ମାଧ୍ୟମରେ ମାରାଥନ୍ ଉପରେ ନଜର ରଖାଯିବ । ରାସ୍ତାରେ;ଫନ୍ ପଏଂଟ ସ୍ଥାପନ କରାଯିବ, ଯେଉଁଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ଏବଂ ଦର୍ଶକମାନେ ବିଭିନ୍ନ ସ୍ଥାନରେ ଧାବକମାନଙ୍କୁ ଉତ୍ସାହିତ କରିବେ । ଧାବକମାନଙ୍କ ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରିଥିବା ଦର୍ଶକଙ୍କ ପାଇଁ ଇସ୍ପାତ ଷ୍ଟାଡିୟମ୍‌ରେ ଏକ ମେଗା ସାଂସ୍କୃତିକ/ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହେବ । ଷ୍ଟାଡିୟମ୍‌କୁ ପ୍ରବେଶ ସମସ୍ତଙ୍କ ପାଇଁ ମାଗଣା ରହିବ । ମୁଖ୍ୟ ସ୍ଥାନଗୁଡ଼ିକରେ ଡାକ୍ତର, ପାରାମେଡିକ୍ସ ଏବଂ ଆମ୍ବୁଲାନ୍ସ ମୁତୟନ କରାଯିବ । ମାରାଥନ୍ ସମ୍ବନ୍ଧୀୟ ସମସ୍ତ ସୂଚନା ୱେବସାଇଟ୍: https://rourkelamarathon.com ରେ ଉପଲବ୍ଧ । ରାଉରକେଲା ହାଫ୍ ମାରାଥନ୍ ୨୦୨୭ ର ଲକ୍ଷ୍ୟ ହେଉଛି ଲୋକଙ୍କୁ ଫିଟନେସ୍‌କୁ ଜୀବନଶୈଳୀ ଭାବରେ ଆପଣେଇବାକୁ ପ୍ରେରଣା ଦେବା ଏବଂ ଅଂଶଗ୍ରହଣ ମାଧ୍ୟମରେ ସଦ୍‌ଭାବନା ଗଢ଼ିତୋଳିବା । ମାରାଥନ୍‌ର ଏହି ଦ୍ୱିତୀୟ ସଂସ୍କରଣ ସହିତ, ଆର.ଏସ.ପି ସାମୁଦାୟିକ କ୍ରୀଡ଼ା ଶ୍ରେଷ୍ଠତାର ଏକ ପରମ୍ପରା ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଶକ୍ତି, ନିଷ୍ଠା ଏବଂ ସାମୂହିକ କଲ୍ୟାଣ ପ୍ରତି ସେଲ୍ ର ମୂଲ୍ୟବୋଧକୁ ପ୍ରତିଫଳିତ କରିଥାଏ ।